ଧରିତ୍ରୀ
DHARITRI
June 5-11, 2022 ₹ 2/-

ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

# ରେଶମ ସହର ଶାଢ଼ି

ପାଟଶାଢ଼ି କେବଳ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ; ଆମ ଚଳଣି ଓ ପରମ୍ପରାରେ ଏହାର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ମଧ୍ୟ ରହିଛି । ଭାରତର ବିଭିନ୍ନ ରାଜ୍ୟରେ ରହିଛି ଭିନ୍ନ ଭିନ୍ନ ପ୍ରକାରର ପାଟଶାଢ଼ି। ସେଥିମଧ୍ୟରେ ଓଡ଼ିଶାର ରେଶମ ସହରଭାବେ ପରିଚିତ ବ୍ରହ୍ମପୁର ପାଟଶାଢ଼ିର ସ୍ୱତନ୍ତ୍ରତା ବାରି ହୋଇପଡ଼େ..



# ଭାଗ୍ୟଶାଳୀ ବାମ୍ବୋପ୍ଲାଣ୍ଟ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ବାମ୍ବୋ ପ୍ଲାଣ୍ଟ ହେଉଛି ଭାଗ୍ୟଶାଳୀ ତଥା ଶୁଭଫଳ ପ୍ରଦାନକାରୀ ଏକ ପ୍ରକାରର ଗଛ। ଏହାକୁ ଘରେ ହେଉ ଅବା କର୍ମକ୍ଷେତ୍ରରେ ରଖିଲେ ଭାଗ୍ୟୋଦୟ ହେବା ସହ ବୈଭବ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ବାମ୍ବୋପ୍ଲାଣ୍ଟର ଆଉ କ'ଣ ସବୁ ଉପକାରିତା ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

✻ ବାମ୍ବୋପ୍ଲାଣ୍ଟ ପରିବେଶକୁ ସଫାସୁତୁରା ରଖିବାରେ ବେଶ୍ ସହାୟକ ହୋଇଥାଏ। ସେଥିପାଇଁ ଏହାକୁ ନାଚୁରାଲ୍ ଏୟାର୍ ପ୍ୟୁରିଫାୟର୍ ବୋଲି କୁହାଯାଏ।



✻ ଭାଗ୍ୟଶାଳୀ ବାମ୍ବୋପ୍ଲାଣ୍ଟକୁ ଘରର ପୂର୍ବ ଦିଗରେ ରଖିଲେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହୋଇଥାଏ। ଅନ୍ୟପକ୍ଷେ ଏହାକୁ ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ କରାଯାଏ।

✻ସବୁଠୁ ବଡ଼ କଥା ହେଉଛି ଏହି ବାମ୍ବୋପ୍ଲାଣ୍ଟରେ ଦିଆଯାଇଥିବା ପାଣିକୁ ପ୍ରତି ସପ୍ତାହରେ ବଦଳାଇବା ଦରକାର। ଯଦ୍ଵାରା ଆର୍ଥିକସ୍ଥିତି ମଜଭୂତ୍ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି।

✻ ଏହି ବାମ୍ବୋପ୍ଲାଣ୍ଟକୁ ଘରର ଯେକୌଣସି ସ୍ଥାନରେ ରଖିପାରିବେ। ଏପରିକି ପତ୍ନୀପତିଙ୍କ ବେଡ୍‌ରୁମରେ ବି। କାରଣ ଏହା ପତ୍ନୀପତିଙ୍କ ଭିତରେ ଭଲପାଇବା ବୃଦ୍ଧି କରିବାରେ ବେଶ୍ ସହାୟକ ହୁଏ ବୋଲି ବିଶ୍ୱାସ କରାଯାଏ।

✻ସେହିପରି କ୍ୟାରିୟର୍‌ରେ ସଫଳ ହେବାକୁ ଚାହୁଁଥିଲେ ଷ୍ଟଡିରୁମ୍‌ରେ ମଧ୍ୟ ବାମ୍ବୋପ୍ଲାଣ୍ଟକୁ ରଖିପାରିବେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୫-୧୧

**ମେଷ**
ମାନସିକ ସ୍ୱାସ୍ଥ୍ୟ ଭଲ ରହିବ, କାମରେ ସ୍ଥିରତା ରହିବ ନାହିଁ, ଯାତ୍ରାରେ ସୁଫଳ ପାଇବେ। ବିଶୃଙ୍ଖଳିତ ସନ୍ତାନ ପାଇଁ ଦୁଶ୍ଚିନ୍ତା। ଅର୍ଥାଭାବ ଅନୁଭବ କରିବେ, ସମ୍ପର୍କ ପୁଣି ଯୋଡି ହୋଇଯିବ, ସାଂସ୍କୃତିକ କାର୍ଯ୍ୟରୁ ଆନନ୍ଦିତ ହେବେ।

**ବୃଷ**
କର୍ମକ୍ଷେତ୍ରରେ ଉନ୍ନତି, ନୂଆ ବନ୍ଧୁ ଆସି ପହଞ୍ଚିବେ। ଭୁଲ୍ ଖବର ପାଇବେ, ଖର୍ଚ୍ଚଭାର ବୃଦ୍ଧି, ଘଟଣାର ଦିଗ ପରିବର୍ତ୍ତନ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରା ସ୍ଥଗିତ ହେବ, ବିବାଦରେ ବିଜୟ॥

**ମିଥୁନ**
ସ୍ୱାସ୍ଥ୍ୟହାନୀ, ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସାହାଯ୍ୟ, ଦ୍ରବ୍ୟ ନଷ୍ଟ ହୋଇପାରେ, କଳା ସାହିତ୍ୟରେ ଉନ୍ନତି। ଉଚ୍ଚଶିକ୍ଷା ପ୍ରତି ଆଗ୍ରହୀ, ପରୋକ୍ଷ ଶତ୍ରୁତା ବିଚଳିତବୋଧ କରିବେ, ନୂତନ ବନ୍ଧୁତା, ଦୂରଯାତ୍ରାର ପ୍ରସ୍ତୁତି॥

**କର୍କଟ**
କାର୍ଯ୍ୟସିଦ୍ଧି, ଭ୍ରମଣଜନିତ ଅସୁସ୍ଥତା, କଳହରୁ ଦୂରେଇ ରହନ୍ତୁ। ପୈତୃକ ସମ୍ପତିରେ ବିବାଦ, ଭୁଲ ନିଷ୍ପତି ନେବେ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ସାମାଜିକସ୍ତରରେ ସମ୍ମାନ, ସମସ୍ୟାର ସମାଧାନ, ଶୁଭଖବର ପାଇବେ॥

**ସିଂହ**
ନୂତନ ଯୋଜନାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ବନ୍ଧୁଙ୍କ ସୁପରାମର୍ଶ, ସମସ୍ୟା ସମାଧାନ। ସ୍ଥଗିତ କାମ ପାଇଁ କୈଫିୟତ୍, ସ୍ତ୍ରୀଙ୍କ ପ୍ରେରଣା, ଖୁସିଗପର ମଉକା। ସତ୍‌ସଙ୍ଗର ସୁଯୋଗ, ଧର୍ମକାର୍ଯ୍ୟ ପ୍ରତି ରୁଚି, ଲୋକ ସମ୍ପର୍କ ବଢ଼ିବ, ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ॥

**କନ୍ୟା**
ଦୂରଯାତ୍ରାର ପ୍ରସ୍ତୁତି, ସଭାସମିତିକୁ ନିମନ୍ତ୍ରଣ, କାର୍ଯ୍ୟରେ ସଫଳତା, ସମ୍ମାନିତ ହେବେ, ଶତ୍ରୁତାର ଅବସାନ, ବିବାଦ ଘେରରେ ପଡିବେ, ଧାରକରଜ କରିପାରନ୍ତି, କାର୍ଯ୍ୟବ୍ୟସ୍ତତା ବୃଦ୍ଧି, ମାମଲା ଶୁଣାଣିରେ ବିଳମ୍ବ, ଏଜେନ୍ସିରୁ ଲାଭ॥

**ତୁଳା**
ମାନସିକ ଅସ୍ଥିରତା, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି, ପରିବହନରେ ଟଣାଓଟରା, ବନ୍ଧୁ ବିରୋଧି ହେବେ। ଯାନ୍ତ୍ରିକ ତ୍ରୁଟି, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ସମ୍ପର୍କୀୟଙ୍କ ଅପପ୍ରଚାର, ସମାଲୋଚିତ ହେବେ, କଳା ସାହିତ୍ୟରୁ ସୁନାମ॥

**ବିଛା**
ଅର୍ଥପ୍ରାଚୁର୍ଯ୍ୟରୁ ଆନନ୍ଦ, ସାମାଜିକ ସମ୍ମାନ ପାଇବେ, ଉଚ୍ଚବର୍ଗଙ୍କ ତାଗିଦ୍, ଶାରୀରିକ ଅସୁସ୍ଥି, ରଚନାତ୍ମକ କାମରୁ ପ୍ରଶଂସା। ଯାତ୍ରାକାଳୀନ ଅସୁବିଧା, ଅବହେଳିତ କାର୍ଯ୍ୟରୁ ଅନୁତାପ, ସ୍ୱଜନ ଶତ୍ରୁତା, ନୂଆ ବ୍ୟବସାୟ ଯୋଡିବେ॥

**ଧନୁ**
ବନ୍ଧୁଙ୍କ ସାହାଯ୍ୟ, ସୁଯୋଗପ୍ରାପ୍ତି, ପଡୋଶୀଙ୍କ କ୍ରୋଧ, ନୂତନ କାମରେ ପ୍ରତିବନ୍ଧକ, ନିଜ ଲୋକଙ୍କ ବିଶ୍ୱାସ ଘାତକତା। ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ, ଅତିଥି ଚର୍ଚ୍ଚା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ପାରିବାରିକ ସୌଖ୍ୟ, ନୂତନ କର୍ମ ସଂସ୍ଥାନ॥

**ମକର**
ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ପାରିବାରିକ ଭୁଲ୍ ବୁଝାମଣା, ସନ୍ତାନ ହେତୁକ ଗୌରବ, ସରକାରୀ ସହାୟତା, ତୀର୍ଥାଟନର ସୁଯୋଗ। ସମସ୍ୟା ସମାଧାନ, ସ୍ଥଗିତ କାମରେ ଅଗ୍ରଗତି, ରାଜନୈତିକ ପୃଷ୍ଠପୋଷକତା, ନୂତନ ଯୋଜନା, ଆକସ୍ମିକ ସମସ୍ୟା ॥

**କୁମ୍ଭ**
ଆତ୍ମୀୟଙ୍କ ସାହାଯ୍ୟ, ସାମାଜିକ ସ୍ତରରେ ଉନ୍ନତି, ମନ ଆନ୍ଦୋଳିତ ରହିବ, ବନ୍ଧୁ ଭୁଲ୍ ବୁଝିବେ। କାମ ପୂର୍ଣ୍ଣାଙ୍ଗ ହେବ, ମହିଳାଙ୍କ ଦ୍ୱାରା ଉପକୃତ, ନୂତନ କର୍ମାରମ୍ଭ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପ୍ରଶାସନିକ ଉନ୍ନତି, କ୍ରୀଡାସଙ୍ଗୀତରୁ ସମ୍ମାନ॥

**ମୀନ**
ସମ୍ପର୍କୀୟଙ୍କ ଉପରୁ ଆସ୍ଥାହାନୀ, ଅପ୍ରିୟସତ୍ୟରୁ ବିବାଦ, ପାରିବାରିକ ଅଶାନ୍ତି, ସ୍ନାୟବିକ ଦୁର୍ବଳତା, ଆଶାନୁଯାୟୀ ଅର୍ଥପ୍ରାପ୍ତି, ଦୂରଯାତ୍ରାର ମସୁଧା, କଳା ସାହିତ୍ୟାଦିରେ ସମ୍ମାନ, ବନ୍ଧୁ ମିଳନରୁ ଆନନ୍ଦ, ବିଦେଶଯାତ୍ରାର ସୁଯୋଗ॥

# କଦଳୀର ଉପକାରିତା

ପାଚିଲା କଦଳୀ ହେଉଛି ଏମିତି ଏକ ସ୍ୱାଦିଷ୍ଟ ତଥା ଗୁଣକାରୀ ଫଳ, ଯାହାକୁ ଖାଇଲେ ଶୀଘ୍ର ପେଟ ପୁରି ଗଲା ଭଳି ଅନୁଭବ ହୋଇଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ଯେତିକି ଲାଭକାରୀ, ତ୍ୱଚା ପାଇଁ ମଧ୍ୟ ସେତିକି ଉପକାରୀ ହୋଇଥାଏ। କଦଳୀରେ ପ୍ରୋଟିନ୍, ଫାଇବର୍, କ୍ୟାଲସିୟମ୍, ଆଇରନ୍, ପୋଟାସିୟମ୍, ଭିଟାମିନ୍ ଏ ଓ ଭିଟାମିନ୍ ବି-୬ ଭଳି ଅନେକ ଜରୁରୀ ପୋଷକ ତତ୍ତ୍ୱ ଭରି ରହିଥାଏ। ଖାସ୍ କରି ଏଥିରେ ଥିବା ଉପକାରୀ ଫାଇବର୍ ଗୁଣ ଯୋଗୁ ଏହାକୁ ସେବନ କଲେ ଓଜନ କମିବାରେ ସହାୟକ ହେବା ସହ ପାଚନ କ୍ରୀୟା ସୂଚାରୁ ରୂପେ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏକ ବୈଜ୍ଞାନିକ ଅଧ୍ୟୟନରୁ ଜଣାଯାଇଛି ଯେ, କଦଳୀରେ ପୋଟାସିୟମ୍‌ର ଭଲ ମାତ୍ରା ରହୁଥିବାରୁ ଏହାକୁ ନିୟମିତ ବ୍ୟବଧାନରେ ଖାଇଲେ ଶରୀରରେ ରକ୍ତଚାପ ନିୟନ୍ତ୍ରଣରେ ରହିବା ସହ ହୃତପିଣ୍ଡ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଏହା ବେଶ୍ ସହାୟକ ହୋଇଥାଏ। ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ



ମଧ୍ୟ କଦଳୀ ବେଶ୍ ଉପକାରୀ ହୋଇଥାଏ। ଏକ ଅଧ୍ୟୟନ ଅନୁଯାୟୀ, ଭିଟାମିନ୍ ବି-୬ର ଅଭାବ ହେଲେ ବ୍ୟକ୍ତିଙ୍କର ମସ୍ତିଷ୍କ କାର୍ଯ୍ୟପ୍ରଣାଳୀ ଧୀରେ ଧୀରେ ଦୁର୍ବଳ ହୋଇଯାଏ। ଯେହେତୁ କଦଳୀରେ ଭିଟାମିନ୍ ବି-୬ର ଭଲ ମାତ୍ରା ରହୁଛି ତେଣୁ ଏହାକୁ ଖାଇଲେ ମସ୍ତିଷ୍କ ଠିକ୍ ରହିବା ସହ କାର୍ଯ୍ୟ କରିବାକୁ ଇଚ୍ଛାଶକ୍ତି ବୃଦ୍ଧି ପାଇଥାଏ।

# ପାଠକୀୟ

✻ ଅର୍କିଡ ! ସୌନ୍ଦର୍ଯ୍ୟ ହିଁ ଯାହାର ପରିଚୟ। ଦିନେ ଅର୍କିଡ କହିଲେ ମନକୁ ଆସୁଥିଲା ଥାଇଲାଣ୍ଡ, ବାଙ୍ଗାଲୋର, କଲିକତାର କଥା। ହେଲେ ଏହି ବିଦେଶୀ ଫୁଲ ଆଉ ବିଦେଶୀ ହୋଇ ରହିନାହିଁ। ଓଡ଼ିଶାର ଫୁଲପ୍ରେମୀଙ୍କ ସହ ଜଳବାୟୁ ବି ଆପଣେଇ ନେଲାଣି ତାକୁ। ଯେଉଁଥିପାଇଁ ଭୁବନେଶ୍ୱରରୁ ଆରମ୍ଭ କରି ଗଞ୍ଜାମରୁ ଝାରସୁଗୁଡ଼ା ଯାଏ ସବୁଠି ଦେଖିବାକୁ ମିଳୁଛି ଅର୍କିଡର ସମ୍ଭାର। ତେଣୁ ଏଭଳି ଏକ ମନୋରମ ଆଲେଖ୍ୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାରେ ଅର୍କିଡ'ଟି ମୋ ମନକୁ ବେଶ୍ ଛୁଇଁଗଲା। 'କିପରି ବଢିବ ସୁଖଶାନ୍ତି', 'ରୋଷେଇ ଘରର ଔଷଧ' ନାମକ ପାଠଦୁଇଟିରୁ ବହୁ ନୂଆ କଥା ଜାଣିହେଲା।

***-ଅଶୋକ କୁମାର ସ୍ୱାଇଁ, ଜଟଣୀ, ଖୋର୍ଦ୍ଧା***

✻ ଅର୍କିଡ ତା'ର ସୌନ୍ଦର୍ଯ୍ୟରେ କାହାକୁ ବା ବିମୋହିତ ନ କରେ। ଏହା ଦେଖିବାକୁ ଯେମିତି ସୁନ୍ଦର ସେମିତି ସତେଜ ରହିବାରେ ବି ଦୀର୍ଘସ୍ଥାୟୀ। ଏହି ଫୁଲ ଥରେ ଫୁଟିଲେ ମାସେ ଦେଢମାସ ଯାଏ ସେମିତି ସତେଜ ରହିଥାଏ। ଏବେ ଓଡ଼ିଶାର ଜଳବାୟୁରେ ବି ଏହି ଫୁଲ ଭଲ ବଢି ପାରୁଥିବା ଦେଖିବାକୁ ମିଳୁଛି। ତେଣୁ 'ଓଡ଼ିଶାରେ ଅର୍କିଡ'କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ସମର୍ ସ୍କାର୍ଫ ଫ୍ୟାଶନ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***-ଜମୁନା ସେଠୀ, ରାଉରକେଲା***

✻ ବ୍ୟକ୍ତିତ୍ୱ ପୃଷ୍ଠାରୁ ଆଦିବାସୀମାନଙ୍କ ଜନଜୀବନ, ଲୋକଭାଷା, ଲୋକସଂସ୍କୃତି, ଲୋକସାହିତ୍ୟ ଉପରେ ଆଧାର କରି ଏଯାଏ ପ୍ରାୟ ୧୧ ଖଣ୍ଡ ପୁସ୍ତକ ରଚନା କରିଥିବା ଡ. ଦେବାଶିଷ ପାତ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଆଗକୁ ବଢିବାକୁ ପ୍ରେରଣା ମିଳିଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରେରଣା' ନାମକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। 'ଦଶା', 'ସବୁଜ ମାୟା' ନାମକ କବିତା ଦୁଇଟି ବି ହୃଦୟକୁ ଖୁବ୍ ଛୁଇଁଗଲା।

***-ଧରଣୀଧର ପ୍ରଧାନ, ସମ୍ବଲପୁର***

✻ ଏଥରର ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। କବି ତଥା ପ୍ରଶାସନିକ ଅଧିକାରୀ ମଧୁସୂଦନ ଦାଶଙ୍କ ରୋଜଗାର ସମ୍ପର୍କିତ ଆଲେଖ୍ୟଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ପ୍ରହ୍ଲାଦ ନାଟକ' ଏକ ନିଆରା ବିଷୟ ବସ୍ତୁ ଉପରେ ଆଧାରିତ ହୋଇଥିଲା। ସେହିପରି ସହର ପୃଷ୍ଠାରୁ ଖରାଦିନେ କେଉଁ କେଉଁ ସ୍ଥାନକୁ ଯାଇ ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ଆନନ୍ଦ ନେଇହେବ ସେ ସମ୍ପର୍କରେ ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରୁ ବହିର ଗାଁ ଭାବେ ପରିଚିତ ହାସଲ କରିଥିବା ମହାରାଷ୍ଟ୍ରର ସତାରା ଜିଲା ଅନ୍ତର୍ଗତ ଭିଲାର ଗାଁ ବିଷୟରେ ଜାଣିହେଲା।

***-ତନୁଜା ପଟ୍ଟନାୟକ, ଶହୀଦନଗର, ଭୁବନେଶ୍ୱର***

## ବିଶେଷ ଚିଠି



ହେ ମୋର ପ୍ରିୟ ଛୁଟିଦିନ
ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ।
ଷୋହଳ ପୃଷ୍ଠାରେ ଆସିଥାଅ
ସଭିଙ୍କ ମନରେ ଘର କରିଯାଅ।
ଆବାଳ ବୃଦ୍ଧବନିତା ଭଲ ପାଆନ୍ତି ତୁମକୁ
ଅପେକ୍ଷା କରିଥାନ୍ତି ପ୍ରତି ରବିବାରକୁ।
ତେଣୁ ହେ ମୋର ପ୍ରିୟ ଛୁଟିଦିନ
ଆସନ୍ତ କି ତୁମେ ଏହିପରି ନିତିଦିନ।

***-ସୁକାନ୍ତ ମହାନ୍ତି, ରେଲୱେ କଲୋନୀ, ପୁରୀ***

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ରେଶମ ସହର ଶାଢ଼ି



**ପାଟଶାଢ଼ି କେବଳ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ; ଆମ ଚଳଣି ଓ ପରମ୍ପରାରେ ଏହାର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ମଧ୍ୟ ରହିଛି । ଭାରତର ବିଭିନ୍ନ ରାଜ୍ୟରେ ରହିଛି ଭିନ୍ନ ଭିନ୍ନ ପ୍ରକାରର ପାଟଶାଢ଼ି । ସେଥିମଧ୍ୟରେ ଓଡ଼ିଶାର ରେଶମ ସହରଭାବେ ପରିଚିତ ବ୍ରହ୍ମପୁର ପାଟଶାଢ଼ିର ସ୍ୱତନ୍ତ୍ରତା ବାରି ହୋଇପଡ଼େ...**

**ଭା**ରତୀୟ ନାରୀଙ୍କ ଏକ ପ୍ରିୟ ପରିଧାନ ହେଉଛି ଶାଢ଼ି। ତେବେ ଦେଶର ପ୍ରତ୍ୟେକ ରାଜ୍ୟର ହସ୍ତତନ୍ତ ଶାଢ଼ି ଭିନ୍ନ ଭିନ୍ନ ହୋଇଥିବାବେଳେ ପାଟର ରହିଛି ସ୍ୱତନ୍ତ୍ର ମର୍ଯ୍ୟାଦା । ବନାରସୀ ପାଟରୁ ଆରମ୍ଭ କରି, କାଞ୍ଚି ପୁରମ ପାଟ, ପୈଠାନୀ ପାଟ ସମେତ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ସୋନପୁର ପାଟ, ସମ୍ବଲପୁରୀ ପାଟ, ଗଞ୍ଜାମର ବମକେଇ ପାଟ, ଖଣ୍ଡୁଆ ପାଟ ପ୍ରମୁଖ ଦେଶ ବିଦେଶରେ ବେଶ୍ ଲୋକପ୍ରିୟ । ତେବେ ଏହିସବୁ ପାଟଶାଢ଼ି ମଧ୍ୟରୁ ବ୍ରହ୍ମପୁର ପାଟଶାଢ଼ିର କାରିଗରି, ଡିଜାଇନ, କପଡ଼ା ରଙ୍ଗ ବିଭିନ୍ନ ଦୃଷ୍ଟିକୋଣରୁ ନିଜର ଏକ ସ୍ୱତନ୍ତ୍ରତା ରଖିଆସିଛି। ବର୍ତ୍ତମାନ ସମୟରେ ମଧ୍ୟ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ବ୍ରହ୍ମପୁର ପାଟଶାଢ଼ିର ଚାହିଦା ରହିଛି।

**୨୦୦ ବର୍ଷର ଇତିହାସ –** ବ୍ରହ୍ମପୁର ସହରର ଜଣେ ବୁଣାକାର ତଥା ସହରରେ ଥିବା ବ୍ରହ୍ମପୁର ସିଲ୍କ ବୁଣାକାର ସମବାୟ ସମିତିର ଜଣେ ସଦସ୍ୟ କେ.ଭୀମ ରାଜୁ ରାଓଙ୍କ ମତରେ ବ୍ରହ୍ମପୁର ପାଟଶାଢ଼ିର ଇତିହାସ ପ୍ରାୟ ୨୦୦ ବର୍ଷରୁ ଊର୍ଦ୍ଧ୍ୱ। ପୁର୍ବରୁ ବ୍ରହ୍ମପୁର ସହର ମହୁରୀ ରାଜାଙ୍କ ଅଧୀନରେ ଶାସିତ ହେଉଥିଲା । ସେହି ସମୟରେ ମହୁରୀ ରାଜା ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଅଞ୍ଚଳର ରାଜମହେନ୍ଦ୍ରୀ ସହରକୁ ଗସ୍ତରେ ଯାଇ ସେଠାରେ ପ୍ରସ୍ତୁତ ହେଉଥିବା ପାଟବସ୍ତ୍ର ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେହି ପାଟବସ୍ତ୍ର ତାଙ୍କୁ ବେଶ୍ ପସନ୍ଦ ଆସିବାରୁ ରାଜମହେନ୍ଦ୍ରୀରୁ ଫେରିବା ବେଳେ ସେଠାକାର  କେତେଜଣ ବୁଣାକାରଙ୍କୁ ମଧ୍ୟ ସାଙ୍ଗରେ ନେଇ ଆସିଥିଲେ। ସେହି ବୁଣାକାରମାନଙ୍କୁ ବ୍ରହ୍ମପୁର ସହରର ତତ୍କାଳୀନ କେଦାରେଶ୍ୱର ମନ୍ଦିର ନିକଟସ୍ଥ କିଛି ଜାଗା ଦେଇଥିଲେ ରହିବା ପାଇଁ। ଏହି ବୁଣାକାର ପରିବାର ବର୍ତ୍ତମାନ ବ୍ରହ୍ମପୁର ସହରରେ ଡେରା ସମ୍ପ୍ରଦାୟ ଭାବେ ପରିଚିତ। ବ୍ରହ୍ମପୁର ସହର ପୁରାତନ ସମୟରୁ ହିଁ ଦକ୍ଷିଣ ଓଡ଼ିଶାର ବାଣିଜ୍ୟିକ କେନ୍ଦ୍ର ଭାବେ ପରିଚିତ ଥିଲା। ବ୍ରହ୍ମପୁର ପାଟର ସ୍ୱତନ୍ତ୍ରତା ହେଲା ଏବେ ସୁଦ୍ଧା ଏହି ପାଟ ହାତରେ ବୁଣାଯାଏ। ତେବେ ବ୍ରହ୍ମପୁର ପାଟଶାଢ଼ିକୁ ବାଦ ଦେଲେ ଗଞ୍ଜାମ ଜିଲାରେ ପାତ୍ରପୁର ବ୍ଲକ ଅନ୍ତର୍ଗତ ବମକେଇ ଗ୍ରାମରେ ମଧ୍ୟ ବୁଣାକାରଙ୍କ ଦ୍ୱାରା ବମକେଇ ପାଟ ବୁଣା ହେଉଛି।


**ପାରମ୍ପରିକ ପାଟ ଡିଜାଇନ–** ବ୍ରହ୍ମପୁର ପାଟର କେତୋଟି ମାତ୍ର ହାତଗଣତି ଡିଜାଇନ୍ ଥିବା ସତ୍ତ୍ୱେ ତା'ର ସେହି ଡିଜାଇନ ତାକୁ ସମସ୍ତଙ୍କ ଭିତରେ ସ୍ୱତନ୍ତ୍ର କରିଥାଏ। ପୁରାତନ ସମୟରୁ ଅଦ୍ୟାବଧି ବ୍ରହ୍ମପୁର ପାଟ ପ୍ରସ୍ତୁତକାରୀ ତଥା ବୁଣାକାରମାନେ କେବଳ ପୋଡ଼ାକୁମ୍ଭ, ଜାଲା, ଏକପୋଲିଆ ଯୋଡ଼, ମୁକ୍ତା ମଞ୍ଜି ଓ ବାନ୍ଧ କଳାକୃତି ବା ଡିଜାଇନ ହିଁ ପାଟରେ କରିଥା'ନ୍ତି। ଏଥି ମଧ୍ୟରୁ ମହିଳାମାନଙ୍କ ପାଟଶାଢ଼ିରେ ସବୁପ୍ରକାର ଡିଜାଇନ କରାଯାଉଥିବା ବେଳେ ପୁରୁଷଙ୍କ ନିମନ୍ତେ ଉଦ୍ଦିଷ୍ଟ ପାଟବସ୍ତ୍ରରେ କେବଳ  ଏକପୋଲିଆ ଯୋଡ଼ କଳାକୃତି ସ୍ଥାନ ପାଏ।

**ଅନ୍‌ଲାଇନ୍‌ରେ ବ୍ରହ୍ମପୁର ପାଟ–** ଓଡ଼ିଶାର ଗାଁ ଗହଳିଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତରରେ ବ୍ରହ୍ମପୁର ପାଟର ଚାହିଦା ଖୁବ୍ ବେଶି। ସହରର ମୁଖ୍ୟତଃ ବଡ଼ବଜାର ଅଞ୍ଚଳରେ ବହୁଳ ମାତ୍ରାରେ ବ୍ରହ୍ମପୁର ପାଟ ବିକ୍ରି ହୋଇଥାଏ। ବର୍ତ୍ତମାନ ବଜାର ଦର ଅନୁସାରେ ବ୍ରହ୍ମପୁର →











ପାଟ ୭୦୦୦ରୁ ୧୫୦୦୦ ପର୍ଯ୍ୟନ୍ତ ବିକ୍ରି ହେଉଛି। ସେହିପରି ବିଗତ ୩ରୁ ୪ ବର୍ଷ ମଧ୍ୟରେ ଅନ୍‌ଲାଇନ୍ ଶପିଂ ଆପ୍ ଆମାଜନ, ଫ୍ଲିପ୍ କାର୍ଟ ଆଦି ଦ୍ୱାରା ଅନଲାଇନ ମାର୍କେଟିଂରେ ମଧ୍ୟ ବ୍ରହ୍ମପୁର ପାଟ ଉପଲବ୍ଧ ହେଉଛି। ଯାହା ଦ୍ୱାରା ଭାରତ ସମେତ ବିଭିନ୍ନ ଦେଶ ଓ ବିଦେଶରେ ବ୍ରହ୍ମପୁର ପାଟର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

**ପାଟ ପ୍ରସ୍ତୁତି ଓ ଆବଶ୍ୟକ କଞ୍ଚାମାଲ –** ବ୍ରହ୍ମପୁର ପାଟ ମୁଖ୍ୟତଃ ରେଶମ କୀଟରୁ ପ୍ରସ୍ତୁତ ହେଉଥିବା ସବୁଠାରୁ ଦାମିକା ରେଶମୀ ସୂତାରେ ତିଆରି ହୋଇଥାଏ। ପୁରାତନ କାଳରୁ ହିଁ ଏହି ପାଟବସ୍ତ୍ର ବୁଣିବା ନିମନ୍ତେ ପ୍ରମୁଖ କଞ୍ଚାମାଲ ବା ସୂତା ବାହାର ରାଜ୍ୟରୁ ଆମଦାନୀ ହେଉଛି। କର୍ନାଟକର ବେଙ୍ଗାଲୁରୁରୁ ଆମଦାନୀ ହେଉଥିବା ସୂତାକୁ ଟାହାଣି କୁହାଯାଉଥିବା ବେଳେ ପଶ୍ଚିମବଙ୍ଗର ମାଲଦା ଓ ମୁର୍ଶୀଦାବାଦରୁ ପାଟବସ୍ତ୍ର ପ୍ରସ୍ତୁତି ନିମନ୍ତେ ରେଶମୀ ସୂତା ଆମଦାନୀ ହୋଇଥାଏ। ଏହି ରେଶମୀ ସୂତା କେଜି ହିସାବରେ କିଣିବାକୁ ହୁଏ। ରେଶମୀ ସୂତା କେଜି ପିଛା ୪୦୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପାଟ ପ୍ରସ୍ତୁତି ପରେ ବୁଣାକାରମାନେ କିଛି ଶାଢ଼ି ବ୍ରହ୍ମପୁର ସହରର ସମବାୟ ସମିତିକୁ ଏବଂ କିଛି ଶାଢ଼ି ଦୋକାନୀଙ୍କୁ ବିକ୍ରି କରିଥାନ୍ତି। ସହରର ଅଧିକାଂଶ ବୁଣାକାରଙ୍କ କହିବା ଅନୁସାରେ ପ୍ରାୟ ଦେଢ଼କେଜି ରେଶମୀ ସୂତା ଓ ଟାହାଣି ଦ୍ୱାରା ଦୁଇଟି ପାଟଶାଢ଼ି ପ୍ରସ୍ତୁତ ହୋଇଥାଏ। ପାଟ ବୁଣିବା ନିମନ୍ତେ ବୁଣାକାରଙ୍କୁ ୪ ଦିନରୁ ୭ ଦିନ ପର୍ଯ୍ୟନ୍ତ ସମୟ ଲାଗିଥାଏ। ଦୈନିକ ପ୍ରାୟ ୧୦ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଥାଏ। ପାଟ ବୁଣିବା ନିମନ୍ତେ ବୁଣାକାରଙ୍କୁ ରେଶମୀ ସୂତାରେ ରଙ୍ଗ କରିବା ସହ ପାଟ ନିମନ୍ତେ ମଣ୍ଡ ପ୍ରସ୍ତୁତ କରିବାକୁ ହୁଏ। ପୂର୍ବରୁ ସହରର ବଡ଼ବଜାର ସମେତ ଅନ୍ୟାନ୍ୟ ଅଞ୍ଚଳରେ ହଜାର ହଜାର ସଂଖ୍ୟକ ଡେରା ସମ୍ପ୍ରଦାୟର ଲୋକେ ପାଟ ବୁଣୁଥିଲେ। ୨୦୨୦ରୁ ବର୍ତ୍ତମାନ ସମୟ ମଧ୍ୟରେ ଦେଖିବାକୁ ଗଲେ ଏହି ସଂଖ୍ୟା ପ୍ରାୟ ଶତକଡ଼ା ୯୦ ପ୍ରତିଶତ କମିଛି। ସହରରେ ବର୍ତ୍ତମାନ ଗଜାନନ ପେଟାସାହି, ଗଣେଶ ନଗର, କ୍ରିଷ୍ଣମ ପାତ୍ରସାହି, ବାଲୁଙ୍କେଶ୍ୱର ମନ୍ଦିର ସାହିରେ କେବଳ ୮୦ରୁ ୯୦ ବୟସର ଲୋକେ ନିଜ ନିଜ ଘରେ ପାଟ ବସ୍ତ୍ର ବୁଣୁଛନ୍ତି।

**କୁଳବେଉସାରୁ ମୁହଁ ଫେରାଉଛନ୍ତି ନୂତନ ପିଢ଼ି–** ବ୍ରହ୍ମପୁର ପାଟର ଚାହିଦା ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ରହିଥିଲେ ସୁଦ୍ଧା ବର୍ତ୍ତମାନ ସମୟରେ ପୂର୍ବଭଳି ପାଟ ପ୍ରସ୍ତୁତ ହେଉନାହିଁ। ସହରରେ ଥିବା ତିନୋଟି ସମବାୟ ସମିତି ଓ କିଛି ପାଟବୁଣାକାରଙ୍କ କହିବା ଅନୁଯାୟୀ, ବିଗତ ୧୦ରୁ ୧୫ ବର୍ଷ ହେବ ଡେରା ସମ୍ପ୍ରଦାୟ ବା ବୁଣାକାର ପରିବାରର ନୂତନ ପିଢ଼ିମାନେ ନିଜର କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି। ଏହାର ବହୁ କାରଣ ରହିଛି। ଯେପରିକି ପ୍ରଥମତଃ ବ୍ରହ୍ମପୁର ପାଟ ପ୍ରସ୍ତୁତି ନିମନ୍ତେ ପୁରାତନ ତନ୍ତ କଳ ହିଁ ପ୍ରଚଳିତ ରହିଛି। ଏହାକୁ ହାତରେ ବୁଣିବାକୁ ପଡୁଥିବା ବେଳେ ଅଧିକ ସମୟ ସାପେକ୍ଷ। ପାରିଶ୍ରମିକ ମଧ୍ୟ ବହୁତ କମ । ଅନ୍ୟପଟେ ବୁଣାକାରଙ୍କ ନିଜସ୍ୱ ପରିବାର ହୋଇ ନ ଥିଲେ ସେମାନଙ୍କୁ ପାଟବୁଣା ମେଶିନ ରଖିବା ନିମନ୍ତେ ମଧ୍ୟ ବହୁ ହଇରାଣ ହେବାକୁ ପଡୁଛି। ବ୍ରହ୍ମପୁର ପାଟ କ୍ଷେତ୍ରରେ ନୂତନ ଡିଜାଇନ ଜ୍ଞାନ କୌଶଳ ଶିଖାଇବା ନିମନ୍ତେ ଏପର୍ଯ୍ୟନ୍ତ ବୟନ ଶିଳ୍ପ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ମାଷ୍ଟରଙ୍କ ବ୍ୟବସ୍ଥା କରାଯାଇନାହିଁ। ଏହିସବୁ କାରଣ ବାଦ୍ ଆହୁରି ଅନେକ ସମସ୍ୟା ଲାଗି ଆଜିର ଯୁବପିଢ଼ି ପାଟବୁଣିବା ପରିବର୍ତ୍ତେ ବ୍ୟବସାୟ, ଚାକିରି ଆଦି କରି ଅର୍ଥ ରୋଜଗାର କରୁଛନ୍ତି।

**ବମକେଇ ପାଟ–** ଗଞ୍ଜାମ ଜିଲାରେ ବ୍ରହ୍ମପୁର ପାଟ ଭଳି ବମକେଇ ପାଟର ମଧ୍ୟ ବେଶ୍ ଆଦର ରହିଛି। ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ବମକେଇ ଗ୍ରାମରେ ମୁଖ୍ୟତଃ ଏହି ପାଟ ପ୍ରସ୍ତୁତ ହୋଇଥାଏ। ପୂର୍ବରୁ ଏହି ଗ୍ରାମରେ ୧୫୦ରୁ ଉର୍ଦ୍ଧ୍ୱ ପାଟରା ବା ବୁଣାକାର ପରିବାର ବସବାସ କରୁଥିଲେ। ବ୍ରହ୍ମପୁର ଭଳି ଏଠାରେ ମଧ୍ୟ ବୁଣାକାରଙ୍କ ସହାୟତା ନିମନ୍ତେ ପାଟ ସମବାୟ ରହିଥିଲା। ସମବାୟ ତରଫରୁ ପାଟରାମାନଙ୍କୁ ସୁଲଭ ଦରରେ ସୂତା, ରଙ୍ଗ ଓ ଆବାଶ୍ୟକ କଞ୍ଚାମାଲ ମିଳୁଥିଲା। ଏହି ପାଟ ନିମନ୍ତେ ଆବଶ୍ୟକ କଞ୍ଚାମାଲ ପଡ଼ୋଶୀରାଜ୍ୟ ଆନ୍ଧ୍ର ଓ ବ୍ରହ୍ମପୁରରୁ ଆସିଥାଏ। କିନ୍ତୁ ବ୍ରହ୍ମପୁର ପାଟ ଭଳି ବମକେଇ ପାଟର ମଧ୍ୟ ଚାହିଦା ଥିଲେ ବି କାଳକ୍ରମେ ନୂତନ ପିଢ଼ି ନିଜର କୌଳିକ ବୃତ୍ତିରୁ ମୁହଁ ଫେରାଉଥିବାରୁ ଏହା ବନ୍ଦ ହେବାକୁ ବସିଲାଣି। କୌଳିକ ବୃତ୍ତିରୁ ମୁହଁ ଫେରାଉଥିବା ନୂତନ ପିଢ଼ିର ଯୁବକମାନେ କଲିକତାର ଝୋଟ ମିଲ୍ ଅଥବା ସୁରଟ ଆଡ଼େ ମୁହାଁଉଛନ୍ତି। ବମକେଇ ଗାଁରେ ବର୍ତ୍ତମାନ ୩୨ ପାଟରା ପରିବାର ବସବାସ କରୁଥିଲେ ମଧ୍ୟ ବର୍ତ୍ତମାନ କେବଳ ୪ ଜଣ– କାହ୍ନୁ ନାୟକ, ସୁଦାମ ନାୟକ, କେଶବ ନାୟକ ଓ ନୀଳାଞ୍ଚଳ ଲୁଗା ବୁଣୁଛନ୍ତି। ତେବେ ଏମାନେ ମଧ୍ୟ ପାଟ ସ୍ଥାନରେ ଅଧିକାଂଶ କଟନ ଲୁଗା ବୁଣୁଛନ୍ତି। କାରଣ ଗୋଟିଏ ପାଟ ପ୍ରସ୍ତୁତ ନିମନ୍ତେ ୧୨ରୁ ୨୦ଦିନ ସମୟ ଲାଗୁଥିବା ବେଳେ କେବଳ ବିବାହ କିମ୍ବା ପର୍ବପର୍ବାଣି ଋତୁରେ ଅର୍ଡର ଥିଲେ ବୁଣାକାରମାନେ ବମକେଇ ପାଟ ବୁଣନ୍ତି। ଏହାର ଦାମ୍ ବର୍ତ୍ତମାନ ବଜାରରେ ୯,୫୦୦ ଟଙ୍କାରୁ ଆରମ୍ଭ ହୋଇ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପାଟ ସୂତାକୁ ବୁଣାକାରମାନେ ନିଜସ୍ୱ ଭାବେ ରଙ୍ଗ କରିଥାନ୍ତି। ରଙ୍ଗ ଶୁଖିଲା ପରେ କଟନ ଲୁଗା ଓ ପାଟ ଉଭୟ ବୁଣିବା ନିମନ୍ତେ ପରିବାରର ଅନ୍ୟ ସଦସ୍ୟଙ୍କ ସହଯୋଗ ମଧ୍ୟ ଆବଶ୍ୟକ ହୋଇଥାଏ। କହିବା ବାହୁଲ୍ୟ ଯେ, ଘରର ସମସ୍ତ ସଦସ୍ୟଙ୍କ ପାରିଶ୍ରମିକ ପରେ ଆବଶ୍ୟକ ପରିମାଣର ମୂଲ୍ୟ ନ ମିଳିବା ଓ ସମୟ ସାପେକ୍ଷ କାର୍ଯ୍ୟ ହୋଇଥିବାରୁ ବ୍ରହ୍ମପୁର ପାଟ ଭଳି ବମକେଇ ପାଟ ବୁଣାରୁ ବର୍ତ୍ତମାନ ପିଢ଼ି ମୁହଁ ଫେରାଉଛନ୍ତି। ଆଜିକା ସମୟରେ ମାତ୍ର ଟଙ୍କା ୨୦ହଜାରରେ ପରିବାର ଚଳିବା ମୁସ୍କିଲ। ଏଣୁ ବମକେଇ ଗାଁରେ ମଧ୍ୟ ପାଟବୁଣା କାର୍ଯ୍ୟ ପ୍ରାୟ ବନ୍ଦ ହେବା ଯୋଗୁ ଗାଁ ଲୋକେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ତେବେ ଏହି ଗାଁର ପାଟ ବୁଣା କାର୍ଯ୍ୟରେ ପୂର୍ବରୁ ଚକ୍ରପାଣି ପାତ୍ର ରାଷ୍ଟ୍ରପତି ପୁରସ୍କାର ପାଇଥିଲେ। ସେହିପରି ୨୦୧୫ରେ ବମକେଇ ଗ୍ରାମର ସ୍ୱର୍ଗତ କବିରାଜ ନାୟକ ଦିଲ୍ଲୀରେ ସୂତ୍ରକାର ସୁମନ ସଂସ୍ଥା ଦ୍ୱାରା ତତ୍କାଳୀନ ସାଂସଦ କିରନ ଖେରଙ୍କଠାରୁ ୨୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ଓ ମାନପତ୍ର ପାଇଥିଲେ। ୨୦୧୦ରୁ ୨୦୨୦ ପର୍ଯ୍ୟନ୍ତ ସ୍ୱର୍ଗତ କବିରାଜଙ୍କ ଉଦ୍ୟମରେ ବମକେଇ ପାଟ ଦିଲ୍ଲୀ ଦରବାରରେ ଉଚ୍ଚ ପ୍ରଶଂସିତ ହେବା ସହ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇପାରିଥିଲା।


କେବଳ ଓଡ଼ିଶାରେ ନୁହେଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ରହ୍ମପୁର ପାଟ ଓ ବମକେଇ ପାଟ ଚାହିଦା ବଢୁଥିବାବେଳେ ପାଟ ବୁଣାକାରଙ୍କ ସଂଖ୍ୟା କିନ୍ତୁ କମି କମି ଚାଲିଛି। ତେଣୁ ସରକାରଙ୍କ ତରଫରୁ ଉପଯୁକ୍ତ ପ୍ରୋତ୍ସାହନ ନ ମିଳିଲେ ଏହି ପାଟର ଭବିଷ୍ୟତ କ'ଣ ହେବ ତାହା ସନ୍ଦେହ।

–ତନୁଶ୍ରୀ ନାହାକ
ଉମାଚରଣ କର









# ୱାନ୍ ଶୋଲ୍ଡର ଟପ୍ସ

**ଅ**ଫିସ୍ ହେଉ ଅବା ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ଅନେକେ ଜିନ୍ସ ଓ ଟପ୍ସ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କାରଣ ଏହା ଷ୍ଟାଇଲିଶ୍ ଲୁକ୍ ଦେବା ସହ କମ୍ଫର୍ଟେବଲ୍ ଲାଗିଥାଏ। ମାର୍କେଟ୍‌ରେ ଏବେ ଅନେକ ଭେରାଇଟିର ଟପ୍ସ ମିଳିଲାଣି, ତନ୍ମଧ୍ୟରୁ ୱାନ୍ ଶୋଲ୍ଡର ଟପ୍ସ ହେଉଛି ଅନ୍ୟତମ। ଖାସ୍‌କରି ଏହାକୁ ଶର୍ଟ୍ସ ହେଉ ଅବା ଜିନ୍ସ ପ୍ୟାଣ୍ଟ କିମ୍ବା ସ୍କର୍ଟ ଅଥବା ଅନ୍ୟ ଯେକୌଣସି ଲୋୟର୍ସ ସହ ପେୟାର୍ କରି ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ତା'ହେଲେ ଆସନ୍ତୁ ଜାଣିବା ବିଭିନ୍ନ ଡିଜାଇନ୍‌ର ୱାନ୍ ଶୋଲ୍ଡର ଟପ୍ସ ସମ୍ପର୍କରେ...

**କମ୍ଫର୍ଟେବଲ୍ ଲାଗିବା ସହ ଖରାଦିନେ କୁଲ୍ ଲୁକ୍ ଦେଇଥାଏ ୱାନ୍ ଶୋଲ୍ଡର ଟପ୍ସ। ସେଥିପାଇଁ ଏହି ଟପ୍ସର ଚାହିଦା ଯୁବତୀଙ୍କ ଭିତରେ ବେଶ୍ ରହିଥାଏ । ଖାସ୍‌କରି ଶର୍ଟ୍ସ ହେଉ ଅବା ଡେନିମ ପ୍ୟାଣ୍ଟ ସହ ଏହା ଭଲ ମାନିଥାଏ...**

**ଷ୍ଟ୍ରାଇପ୍ ପ୍ରିଣ୍ଟ ୱାନ୍ ଶୋଲ୍ଡର ଟପ୍ସ:** ଷ୍ଟ୍ରାଇପ୍ ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍ ହେଉନା କାହିଁକି, ତାହାକୁ ପିନ୍ଧିଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗେ। ଖାସ୍ କରି ଏହି ପ୍ରିଣ୍ଟର ୱାନ୍ ଶୋଲ୍ଡର ଟପ୍ସ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ପିନ୍ଧିବାକୁ ସେମିତି କମ୍ଫର୍ଟେବଲ୍ ଲାଗିଥାଏ। ବିଶେଷକରି ମିଡି ସ୍କର୍ଟ କିମ୍ବା ଶର୍ଟ୍ସ ସହ ଏହି ଟପ୍ସକୁ ପେୟାର୍ କରି ପିନ୍ଧିଲେ ମଡର୍ନ ଲୁକ୍ ମିଳିଥାଏ। ସେହିପରି ଏହା ସହିତ ଆପଣ ଚାହିଁଲେ ଆଙ୍କେଲ୍ ଲେଙ୍ଗ୍‌ଥ ବୁଟ୍ ବି ଟ୍ରାଏ କରିପାରିବେ।

**ବ୍ଲାକ୍ ଲେସ୍ ୱାନ୍ ଶୋଲ୍ଡର ଟପ୍ସ:** ଲେସ୍ କାମ ହୋଇଥିବା କଳା ରଙ୍ଗର ୱାନ୍ ଶୋଲ୍ଡର ଟପ୍ସକୁ ଇଭିନିଂ କିମ୍ବା ନାଇଟ୍ ପାର୍ଟିରେ ପିନ୍ଧିଲେ ଗର୍ଜିୟସ୍ ଦେଖାଯାଇଥାଏ। ଏହା ସହିତ ଫିଟେଡ୍ ଡେନିମ୍ ଓ ହିଲ୍ ମଧ୍ୟ ବେଶ୍ ଭଲ ମାନିଥାଏ।

**ଫ୍ଲୋରାଲ୍ ପ୍ରିଣ୍ଟ ୱାନ୍ ଶୋଲ୍ଡର ଟପ୍ସ:** ଫ୍ଲୋରାଲ୍ ପ୍ରିଣ୍ଟ କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏନାହିଁ। ଖାସ୍ କରି ଖରାଦିନେ ଏହି ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଫ୍ରେଶ୍ ଅନୁଭବ ହୁଏ। ତେବେ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ୱାନ୍ ଶୋଲ୍ଡର ଟପ୍ସକୁ ପ୍ଲାଜୋ ପ୍ୟାଣ୍ଟ ସହ ପେୟାର୍ କରି ପିନ୍ଧିଲେ ଲୁକ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ।

**ଚେକ୍ ପ୍ରିଣ୍ଟ ୱାନ୍ ଶୋଲ୍ଡର ଟପ୍ସ:** ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଚେକ୍ ପ୍ରିଣ୍ଟ ବାଲା ଆଉଟ୍‌ଫିଟ୍। ଏହି ପ୍ରିଣ୍ଟ ଥିବା ୱାନ୍ ଶୋଲ୍ଡର ଟପ୍ସ ବି ଯୁବତୀଙ୍କୁ ପ୍ରେଟି ଲୁକ୍ ଦେଇଥାଏ। ଖାସ୍ କରି ଆଙ୍କେଲ୍ ଲେଙ୍ଗ୍‌ଥ ପ୍ୟାଣ୍ଟ ସହ ଏହି ଧରଣର ଟପ୍ସ ବେଶ୍ ଭଲ ମାନିଥାଏ।

**ରଫଲ୍ସ ୱାନ୍ ଶୋଲ୍ଡର ଟପ୍ସ:** ଆଜିକାଲି ରଫଲ୍ସ ଫ୍ୟାଶନ୍‌ର ଚଳଣି ମଧ୍ୟ ବେଶ୍ ଚାଲିଛି। ଏହାର ଟପ୍ସ ବି ଖୁବ୍ ଆକର୍ଷଣୀୟ ଲାଗିଥାଏ। ଖାସ୍ କରି ଡେନିମ୍ ସହ ଏହି ଟପ୍ସକୁ ପେୟାର୍ କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳେ।

**ଆନିମଲ ପ୍ରିଣ୍ଟ ୱାନ୍ ଶୋଲ୍ଡର ଟପ୍ସ:** ଆନିମଲ ପ୍ରିଣ୍ଟ ଫ୍ୟାଶନ୍‌କୁ ବି ଅନେକେ ଏଭରଗ୍ରୀନ୍ ଫ୍ୟାଶନ୍ ବୋଲି କହିଥାନ୍ତି। ଏହି ପ୍ରିଣ୍ଟ ଥିବା ଯେକୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗିଥାଏ। ବିଶେଷକରି ଏହି ପ୍ରିଣ୍ଟର ୱାନ୍ ଶୋଲ୍ଡର ଟପ୍ସକୁ ଜିନ୍ସ କିମ୍ବା ଶର୍ଟ୍ସ ସହ ପେୟାର୍ କରି ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।










# କାନ୍‌ଭାସ୍‌ରେ ସଙ୍ଗୀତର ରାଗ















ପ୍ରତ୍ୟେକ ଶିଳ୍ପୀ ତାଙ୍କ ନିଜସ୍ୱ କଳା କାରିଗରୀକୁ ନେଇ ତିଆରି କରିଥାନ୍ତି ନିଜ ପରିଚୟ। ଏମିତି ଜଣେ ଓଡ଼ିଆ ଶିଳ୍ପୀ ଯେ କି ପୁରାତନ ପୋଥିରୁ ସ୍ୱର, ଶବ୍ଦ ଓ ରାଗର ଭାବକୁ ନେଇ କାନ୍‌ଭାସରେ ଉଦ୍‌ଭାସିତ କରିବାର ପ୍ରୟାସ କରିଛନ୍ତି। ଏଥିଯୋଗୁ ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ମିଳିଛି। ସେ ହେଲେ ପ୍ରଦୋଷ ସ୍ୱାଇଁ। ଜନ୍ମ ୧୯୭୨ମସିହାରେ। ପିତା ହରମୋହନ ସ୍ୱାଇଁ, ମା’ ସାବିତ୍ରୀ ସ୍ୱାଇଁ। ଘର କଟକ ଜିଲାର ଟାଙ୍ଗି ଅନ୍ତର୍ଗତ ବନ୍ଦାଳ ଗାଁରେ। ସେ କୁହନ୍ତି, ସ୍କୁଲ ବୟସରୁ ବଡ଼ଭାଇଙ୍କ ଡ୍ରଇଂ ଖାତାରୁ ବିଭିନ୍ନ ଚିତ୍ରକୁ ଦେଖି ନକଲ କରୁଥିଲି। ତା’ପରେ ଚିତ୍ରଆଙ୍କିବା ଏକ ଅଭ୍ୟାସ ହୋଇଗଲା। କିନ୍ତୁ ମୋ ବାପା ପୋଲିସ ବିଭାଗରେ ଚାକିରି କରିଥିବାରୁ ସେତେବେଳେ ସେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଥିଲେ ସେହି ଅଞ୍ଚଳରେ ଥିବା ସ୍କୁଲରେ ମୋର ପାଠପଢ଼ା ହେଉଥିଲା। ମାତ୍ର ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଲେଜରେ +୨ବିଜ୍ଞାନ ସାରିଲି। ୧୯୮୯ମସିହାରେ ଭୁବନେଶ୍ୱର ବି.କେ. କଲେଜ ଅଫ ଆର୍ଟରେ ଯୋଗଦେଇ ପ୍ରିଣ୍ଟିଂ ବିଭାଗରେ ଚିତ୍ରଶିକ୍ଷା ତାଲିମ ପାଇଥିଲି। ପରେ ଫଟୋଗ୍ରାଫିରେ ଡିପ୍ଲୋମା ଏବଂ ଅଭିଲେଖାଗାର ସମ୍ପର୍କରେ ସାର୍ଟିଫିକେଟ କୋର୍ସ ହାସଲ କରିଥିଲି। କିନ୍ତୁ ଆର୍ଟ କଲେଜରେ ସେତେବେଳେ ଶିଳ୍ପୀ ନିବେଦିତା ପଟ୍ଟନାୟକଙ୍କ ସହିତ ମୋର ପରିଚୟ ହେବାପରେ ଜଳରଙ୍ଗରେ ଅନେକ ଦୃଶ୍ୟ ତିଆରି କରିଲି। ଯେଉଁଥିପାଇଁ ୧୯୯୨ରେ ଗୋଲ୍‌ଡ ମେଡାଲ ଏବଂ ୧୯୯୫ରେ ରାଜ୍ୟ ଲଳିତକଳା ଏକାଡେମୀ ପୁରସ୍କାର ମିଳିଥିଲା। ୧୯୯୫ରୁ ୨୦୦୬ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଆର୍ଟିଷ୍ଟ ଭାବେ କାର୍ଯ୍ୟକରିବା ସହ ୨୦୦୭ରେ ସରକାରୀ ଚାକିରିରୁ ଅବସର ନେଇଛି। ତା’ ପରେ ଦିଲ୍ଲୀ ଗଲି। ସ୍ୱତନ୍ତ୍ରଭାବେ ସମକାଳୀନ ଚିତ୍ର ସମ୍ପର୍କରେ ଗବେଷଣାକରି ସଂଗୀତର ରାଗକୁ ନେଇ କେତେକ ଚିତ୍ର ଅଙ୍କନ କରିଥିଲି। ଏଥିପାଇଁ ଓଡ଼ିଶାର କେତୋଟି ପୁରୁଣା ପୋଥି ଓ ନଥିକୁ ସଂଗ୍ରହ କରିଥିଲି। ପୋଥି ସମ୍ପର୍କରେ ଲେଖାଥିବା ଏକ ପାଣ୍ଡୁ ଲିପିରୁ ମୋତେ ପ୍ରେରଣା ମିଳିଥିଲା। ମାତ୍ର ସମକାଳୀନ ଚିତ୍ରରେ ନିଜର କନ୍‌ସେପ୍‌ଶନାଲ ଆର୍ଟ ଆଣ୍ଡ ଥଟ ପ୍ରପୋଜ ପାଇଁ ଏକାଧିକ ଚିତ୍ରଶାଳା ଶିବିରରେ ଯୋଗଦେଇଥିଲି। ଯେଉଁଥିରେ ପରିବେଶ, ରାଶି ଚକ୍ର, କୃଷକର ସମସ୍ୟା ଆଦି ପ୍ରସଙ୍ଗକୁ ଚିତ୍ରରେ ରୂପ ଦେଉଥିଲି। ଅନ୍ୟପକ୍ଷେ ଚାରିବର୍ଷ ଧରି ସଂଗୀତର ରାଗ ଉପରେ ଛବି ଆଙ୍କୁଛି। ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଶିବିରରେ ଯୋଗଦେଇ ସାରିଛି। ବିଶେଷକରି ୧୭ଶହ ଶତାବ୍ଦୀର କୁହାଯାଉଥିବା ସଂଗୀତ ରାଗର ଭାବକୁ ଧାରାବାହିକ ଭାବେ ପ୍ରାୟ ୪୪ଟି ଚିତ୍ର ଅଙ୍କନ କରିସାରିଛି; ଯାହା ଦେଶରେ ପ୍ରଥମ ବୋଲି କୁହାଯାଇପାରେ। ବର୍ତ୍ତମାନ ଅକ୍ରେଲିକ୍ ଅଏଲରେ ଏପରି ରାଗର ସ୍ୱତନ୍ତ୍ର ଛବିକୁ ତିଆରି କରୁଛି। କେତେକ ପୁରାତନ ପୋଥିର କିଛି ସଂଗୀତର ରାଗକୁ ନୂତନ ରୂପରେ ଚିତ୍ରରେ ସ୍ଥାନିତ କରିଛି। କାରଣ ଅନେକଙ୍କ ଧାରଣା ଯେ ଗୀତ ଓ ସଂଗୀତରେ କେବଳ ରାଗ ପ୍ରଯୁଜ୍ୟ ହୋଇପାରେ, ମାତ୍ର ଏହାକୁ ଚିତ୍ରଅଙ୍କନରେ ରୂପ ଦେଲେ ରାଗର ଆଉ ଏକ ନୂତନଦିଗ ସୃଷ୍ଟି ହୋଇପାରେ। ଯାହା ରାଗର ଭାବକୁ ବୁଝାଇପାରିବ। ଏଥିଯୋଗୁ ସ୍ୱତନ୍ତ୍ର ଭାବେ ୧୨ଟି ରାତିର ଭାବକୁ ନେଇ ଚିତ୍ର ଅଙ୍କନ କରିଥିଲି। ଗୋଟିଏ ମୟୂର ଉଡ଼ି ଯାଉଥିବାର ଏକ ଚିତ୍ର ବ୍ଲାକ କ୍ଲାଉଡକୁ ଅଷ୍ଟଗୁରୁ ଆକ୍ସନ ହାଉସ ତରଫରୁ ପ୍ରାୟ ୫ଲକ୍ଷ ଟଙ୍କାର ଅକ୍‌ଶନ କରାଯାଇଥିଲା। ଏହା ମୋ ଶିଳ୍ପୀ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ । ଡ. ଅବଦୁଲ କଲାମ ଡେଡିକେଶନ ଆୱାର୍ଡ, ଉତ୍କଳ ଶ୍ରୀ ସମ୍ମାନ, ଅମୃତଶ୍ରୀ ପୁରସ୍କାର, ସ୍ୱର୍ଣ୍ଣ ପଦକ, ଜଗନ୍ନାଥମ୍ ସମ୍ମାନ ସମେତ ଲଳିତକଳା ଏକାଡେମୀ ଆଦି ଶତାଧିକ ଅନୁଷ୍ଠାନରୁ ସମ୍ମାନ ଓ ପୁରସ୍କାର ମିଳିପାରିଛି। ୨୦୧୯ରେ ଭାରତ ସରକାରଙ୍କ ଦ୍ୱାରା ସିନିୟର ଫେଲୋଶିପ ,୨୦୨୦ରେ ଜିଓଡିଡି ଜିଙ୍ଗ ନାମରେ ଗୋଟିଏ ଏକକ ଚିତ୍ର ପ୍ରଦର୍ଶନୀ ପାଇଁ ସଫଳତା ମିଳିଥିଲା। ଏଯାଏ ପ୍ରାୟ ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଆର୍ଟ କରିସାରିଲାଣି। ପ୍ରତ୍ୟେକ ଚିତ୍ରଅଙ୍କନ ପଛରେ କିଛି ଅକୁହା କାହାଣୀ ରହିଥାଏ। ମୋ ପତ୍ନୀ ନିବେଦିତା ଜଣେ ଆର୍ଟିଷ୍ଟ ହୋଇଥିବାରୁ ସେ ମଧ୍ୟ ମୋତେ ସହଯୋଗ କରିଥାନ୍ତି। ତେବେ ଓଡ଼ିଶାର ପୁରାତନ ରାଗ ହିଁ ମୋ ଶିଳ୍ପୀ ଜୀବନରେ ମତେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

–ବନବିହାରୀ ବେହେରା







# ରଙ୍ଗ ତୂଳୀ

– ବିମଳା ଶଙ୍କର ଦାଶ

ଆଲବମ୍‌ରୁ ଫୋଟସବୁ ଖେଳାଉ ଖେଳାଉ ଝିଅ କୌତୂହଳ ବଶତଃ ପ୍ରଶ୍ନ କଲା -- : ବାପା ! ଫୋଟରେ ତମ ପାଖରେ ଯେ ବସିଛନ୍ତି ସେ ଜେଜେ ନା ? ସେ କେଉଁଠି ଅଛନ୍ତି , କାହିଁ ଆମଘରେ ତ ସେ ଏବେ ଦେଖା ଯାଉ ନାହାନ୍ତି ?

–ସେ ବୁଢା ହୋଇ ଯାଇଥିଲେ ତ, ସେଇଥିପାଇଁ ଆକାଶକୁ ଚାଲିଗଲେ। ଥରେ ଆକାଶକୁ ଚାଲିଗଲେ କେହି ଆଉ ଘରକୁ ଫେରନ୍ତି ନି –ମୁଁ ଝିଅକୁ ବୁଝି ପାରିବା ଢ଼ଙ୍ଗରେ ବୁଝେଇଦେଲି ।

ଓଃ ହୋ ! ବାଳ ଧଳା ହୋଇ ବୁଢା ହୋଇଗଲେ ସମସ୍ତେ ଚାଲି ଯାଆନ୍ତି ନା । ତା' ହେଲେ ତମେ ବି ବୁଢା ହେଲେ ମୋତେ ଛାଡି ଆକାଶକୁ ଚାଲି ଯିବନା ?

ହଁ । ବୁଢା ହେଲେ ସମସ୍ତେ ଆକାଶକୁ ଚାଲିଯିବେ। ମୁଁ ବି !!

ବାଷ୍ପରୁଦ୍ଧ ହୋଇ ଉତ୍ତର ଦେଲି ।

କିଛି ସମୟ ଭାବାବିଷ୍ଟ ହୋଇ ଝିଅ ପୁଣି କହିଲା– ବାପା ମୁଁ କିନ୍ତୁ ତୁମକୁ କେବେ ଜେଜେଙ୍କ ପରି ଆକାଶକୁ ଯିବାକୁ ଦେବିନି ।

ଉତ୍ସାହିତ ହୋଇ ପଚାରିଲି –କେମିତି ???

ମୁଁ ତମ ମୁଣ୍ଡରେ କଳା ଲଗେଇ ଦେବି , ନା' ତମ ମୁଣ୍ଡବାଳ ଧଳା ଦିଶିବ ନା ତମେ ବୁଢା ହେବ ।– ଏତକ ଶୁଣେଇଦେଇ ଝିଅ ଦୌଡିଯାଇ ତା' କଲର ବକ୍ସରୁ ତୂଳୀ ବାହାର କରି ଫୋଟରେ ମୋ ମୁଣ୍ଡରେ ଗାଢ଼ କରି କଳା ବୋଳିବାକୁ ଲାଗିଲା।

ଅତି ଆପଣାର ମଣିଷକୁ ଜୀବନରେ କେବେ ହରାଇ ଦେବାର ଭୟଟି କେତେ ଯେ ବିଚଳିତ ଓ ବିବଶ କରିଦିଏ, ଝିଅର କରୁଣ ମୁଖମଣ୍ଡଳ ଆଉ ତା' କମ୍ପିତ ରଙ୍ଗ ତୂଳୀରୁ ମୁଁ ସ୍ପଷ୍ଟ ଅନୁଭବ କରି ପାରୁଥିଲି !!

–ଗୋଡିଆବନ୍ଧ(ପଦ୍ମପୁର),
ଜିଲ୍ଲା– ରାୟଗଡା , ୭୬୫୦୨୫
ମୋ:୭୯୭୮୧୭୧୪୩୭

# ଅବସୋସ

–ନିବେଦିତା ନନ୍ଦ

ମୋତେ କି ଜଣା ଥିଲା
ଏତେ ସ୍ୱଳ୍ପ ଅବଧି ଲାଗି ଥିବ
ଇନ୍ଦ୍ରଧନୁର ଛାଇ... !
ଏଇ ମାତ୍ର ତ ଚାଲିବି ବୋଲି ଭାବୁ ଭାବୁ
ସରିଯାଇଛି ଗନ୍ତବ୍ୟରେ
ପହଞ୍ଚିବାର ସମୟ ।

ମେଘ ଆରପଟେ ଥିବା ତାରାଙ୍କ
ଆଲୁଅକୁ ଆଖିରେ ନାଇଥିଲି
ବଳକା ସମୟରେ।
ଫୁରସତରେ ନିଜକୁ
ଭଲପାଇବି ବୋଲି
ଗଢୁଥିଲି କଳ୍ପିତ ପୃଥିବୀ ଯେ
ସେ ସବୁ କେଉଁ ହେଲା ଏବେ ?

ଝଡ଼ ଆସେ... ମେଘ ବର୍ଷେ
ଆଖିରୁ ବହିଯାଏ ତାରାଙ୍କ ରୋଷଣୀ
ଜୀବନ୍ୟାସର ମନ୍ତ୍ର ପଢୁ ପଢୁ
ମୁଁ କେମିତି କେଜାଣି
ବାରମ୍ବାର ସ୍ଥାଣୁ ହେଇଯାଏ ।

ହାତ ପାଆନ୍ତାର ଇପ୍ସିତ ଦୁନିଆ
ସବୁବେଳେ ଏମିତି ଅପହଞ୍ଚ
ହୋଇ ଚାଲିଥାଏ ।
ବର୍ଷି ପାରୁନଥିବା ବହଳ ମେଘରେ
ମୋ ଭାଗକ ଆକାଶ
ହରଦମ୍ ଆକ୍ରାନ୍ତ ହୋଇଥାଏ ।

–ବାସନ୍ତୀ କଲୋନୀ, ରାଉରକେଲା
ମୋ:୮୨୪୯୪୪୨୫୭୩



# ଦେହ ଦାହ

–ମନୋଜ ମିଶ୍ର

ଚାଲ
ଖୋଜିବା
ଖରାପ ଗଛଟେ
ଆଉଁଡ଼ିବା ଛାତି
ଭିଣିଆଣିବା ତା' ଦେହ..

ଥିବ
କିଛି ବାସ୍ନା
ଅଳ୍ପ ତୃଷ୍ଣା
ଚିମୁଟାଏ ମୋହ
ଆଞ୍ଜୁଳାଏ କୋହ

ଗଛ ଆଖିରେ
ଜଳିଯିବ ଜୁଇ
ଦେଖିବାକୁ ଠିଆ ସେ
ଅନେକ ଦିନୁ
ଭଲ ମଣିଷଟିର ଦାହ..

–ହାବିଟାଟ ୱାର୍ଲଡ଼
ଇଣ୍ଡିଆ ହାବିଟାଟ ସେଣ୍ଟର
ନୂଆଦିଲ୍ଲୀ,
ମୋ:୯୮୭୧୮୩୦୯୧୭



# ବାୟୋପିକ୍‌ରେ ଅନୁଷ୍କା

କିଛି ବର୍ଷର ଗ୍ୟାପ୍ ପରେ ଅନୁଷ୍କା ଶର୍ମା ପୁଣି ଥରେ କ୍ୟାମେରା ସାମନା କରିବାକୁ ଯାଉଛନ୍ତି। ବିରାଟ କୋହଲିଙ୍କୁ ବିବାହ କରିବା ଏବଂ ମା' ହେବା ପରେ ସେ ପ୍ରଥମ ଥର ପାଇଁ ଫିଲ୍ମରେ ଅଭିନୟ କରିବେ। ଏଥର ତାଙ୍କୁ ଏକ ବାୟୋପିକ୍‌ରେ ଦେଖିବାକୁ ମିଳିବ। ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ଲୋକପ୍ରିୟ ଖେଳାଳୀ ତଥା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି ହିନ୍ଦୀ ସିନେମା 'ଚକଦା ଏକ୍ସପ୍ରେସ'। ଏଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା। ଏପରି ସୁଯୋଗ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ମୁଁ ଏ ସମ୍ପର୍କରେ ବିରାଟଙ୍କ ସହ ବିଷଦ ଭାବରେ ଆଲୋଚନା କରିଥିଲି। ମା' ହେବା ପରେ ଏହା ହେଉଛି ମୋର ପ୍ରଥମ ସିନେମା। ତେଣୁ ଏହାକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି।' ଏହି ଫିଲ୍ମର ଶୁଟିଂ ପାଇଁ ଅନୁଷ୍କା ଏବେ ଇଂଲଣ୍ଡରେ ଡେରା ପକାଇଛନ୍ତି। କାରଣ ଏହାର ୩୦ଦିନିଆ ଶୁଟିଂ ସିଡ୍ୟୁଲ ସେଠାରେ ମେ' ୩୦ରୁ ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଝୁଲଣ ଜଣେ ମହିଳା ପେସ୍ ବୋଲର୍ ଭାବରେ ବିଶ୍ୱରେ ସର୍ବାଧିକ ୱିକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ରେ ତାଙ୍କୁ ସମ୍ମାନ ଦେବାକୁ ଯାଇ ଭାରତୀୟ ଡାକ ବିଭାଗ ତାଙ୍କ ନାମରେ ଏକ ଡାକ ଟିକଟ ଉନ୍ମୋଚନ କରିଥିଲା।


ଅନୁଷ୍କା ଶର୍ମା


ଇବ୍ରାହିମ୍

# ଆଉ ଜଣେ ଷ୍ଟାର କିଡ୍

ଆଉ ଜଣେ ଷ୍ଟାର କିଡ୍ ବଲିଉଡ୍‌ରେ ନିଜର କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ସୈଫ ଅଲ୍ଲୀ ଖାଁଙ୍କ ପୁଅ ଇବ୍ରାହିମ ଅଲ୍ଲୀ ଖାଁ। କରନ୍ ଜୋହରଙ୍କ ଆଗାମୀ ଫିଲ୍ମରେ ସେ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିବେ। ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏଥିରେ ଇବ୍ରାହିମ୍ ଅଭିନୟ କରିବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ କରନ୍ କହନ୍ତି, 'ହୃଦୟମ୍'ର ରିମେକ ଫିଲ୍ମରେ ଜଣେ ନବାଗତଙ୍କୁ ବ୍ରେକ୍ ଦେବାକୁ ଆଶା ରଖିଥିଲି। ଯେତେବେଳେ ଏହାର କାଷ୍ଟିଂ ନେଇ ଚିନ୍ତା କଲି ସେତେବେଳେ ମୋ ମନକୁ ଇବ୍ରାହିମ୍‌ଙ୍କ କଥାର ଆସିଲା। ତା'ପରେ ସୈଫଙ୍କ ସହ ଏ ନେଇ କଥା ହୋଇଥିଲି। ଏହି ଭୂମିକା ଇବ୍ରାହିମ୍‌ଙ୍କ କ୍ୟାରିୟରକୁ ମାଇଲେଜ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଧୀରୁଭାଇ ଅମ୍ବାନୀ ସ୍କୁଲରେ ଅଧ୍ୟୟନରତ ଇବ୍ରାହିମ୍ ଅଭିନୟ ବ୍ୟତୀତ କ୍ରୀଡାରେ ରୁଚି ରଖନ୍ତି। ତେବେ ଏପରି ସୁଯୋଗ ତାଙ୍କ ଆକ୍ଟିଂ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଆମୀର ଯାହା ଭାବୁଥିଲେ..

ବଲିଉଡ୍‌ର ମି. ପରଫେକ୍ସନିଷ୍ଟ ଭାବରେ ଆମୀର ଖାଁ ଜଣାଶୁଣା। ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ ସେ ହଜାରେ ଥର ଚିନ୍ତା କରନ୍ତି। ବର୍ଷକୁ ଗୋଟିଏ ଫିଲ୍ମ ହେଉ ପଛକେ ଚିନ୍ତା ନାହିଁ, ତାହା ଦର୍ଶକଙ୍କ ମନକୁ ଛୁଇଁବା ଦରକାର। 'କୟାମତ ସେ କୟାମତ ତକ୍'ରୁ ଏ ପର୍ଯ୍ୟନ୍ତ ସେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରି ନିଜକୁ ଜଣେ ଦକ୍ଷ ଅଭିନେତା ଭାବରେ ପ୍ରତିପାଦିତ କରିସାରିଛନ୍ତି। ଏବେ ତାଙ୍କୁ ନେଇ ଚର୍ଚ୍ଚା। କାରଣ ଆଉ ମାସ କେଇଟା ପରେ ବହୁ ପ୍ରତୀକ୍ଷିତ ଫିଲ୍ମ 'ଲାଲ୍ ସିଂ ଚଢ଼ା' ରିଲିଜ ହେବାକୁ ଯାଉଛି। କଥା କ'ଣ କି କେଉଁ ମାସରେ ଚଳଚ୍ଚିତ୍ରଟି ପରଦା ଉପରକୁ ଆସିବ ବୋଲି ସେ ପୂର୍ବାନୁମାନ କରିଥିଲେ ତାହା ଶେଷରେ ସତରେ ପରିଣତ ହୋଇଛି। ଏହି ଚିତ୍ରଟି ଚଳିତବର୍ଷ ଅଗଷ୍ଟ ୧୧ରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ଏ ସମ୍ପର୍କରେ ଆମୀର କହନ୍ତି, 'ଥରେ ମୁଁ କଥା ପ୍ରସଙ୍ଗରେ ଫିଲ୍ମଟି ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ରିଲିଜ ହେଲେ ଭଲ ହେବ ବୋଲି କହିଥିଲି। ଏବେ ତାହା ସତରେ ପରିଣତ ହୋଇଛି। ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରିଛି। ଫିଲ୍ମର ସଫଳତା ବିଫଳତା ଦର୍ଶକଙ୍କ ଉପରେ ନିର୍ଭର କରେ।' ନିକଟରେ ଏହି ଫିଲ୍ମରେ ଆମୀରଙ୍କ ଆକ୍ଟିଂ ଦେଖି ଏହାର ନିର୍ଦ୍ଦେଶକ ଅଦ୍ୱୈତ ଚନ୍ଦନ ତାଙ୍କୁ 'ମହାପୁରୁଷ' ବୋଲି ଆଖ୍ୟା ଦେଇଥିଲେ। ଏଥିରେ ଆମୀରଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି କରୀନା କପୁର।


'ଲାଲ୍ ସିଂ ଚଢ଼ା' ଫିଲ୍ମରେ ଆମୀର

# ବିଶ୍ୱନାଥର ମନ କଥା

ସତରେ ସମୟ ବଡ ବଳବାନ୍। ତାହା କେତେବେଳେ ମଣିଷକୁ ଆଣି କେଉଁଠି ଠିଆ କରିଦିଏ ତାହା କଳ୍ପନା କରିବା ଅସମ୍ଭବ। ସମୟ ଚକ୍ରରେ ପଡି ଜଣେ ଅନାଥ ଯୁବକ ସହରରୁ ଗୋଟିଏ ଗାଁକୁ ଫେରିଛି। ହେଲେ ସେ ଜାଣିନି ଯେ ଏହି ଗାଁ ହେଉଛି ତାହାର ଜନ୍ମଭୂମି। ତାହାର କିଛି ଦୋଷ ଥିବାରୁ ତାକୁ ସହରରେ ଛାଡି ଦିଆଯାଇଥିଲା। ନିଜ ଗାଁକୁ ଫେରି ଆସିଥିବା ଜଣେ ଯୁବକ କେତେକ ପରିସ୍ଥିତିର ସାମନା କରୁଛି। ତାହାକୁ ସେ ମୁକାବିଲା କରୁଛି ନା, ପୁଣି ଥରେ ଗାଁରୁ ଫେରିଯାଉଛି ତାହାର ଉତ୍ତର ରହିଛି କାହାଣୀରେ। ଏପରି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବିଶ୍ୱନାଥ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସମ୍ବିତ। ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ସମ୍ଭାବନା ମହାନ୍ତି। ଏଚଏମଟି ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦିବ୍ଯୁ ଶେଖର ଗୌଡ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବବ୍‌ବିଲି କିରନ୍। ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ସମ୍ବିତ-ସମ୍ଭାବନାଙ୍କ ବ୍ୟତୀତ ମିହିର ଦାସ, ରାଇମୋହନ, ପୃଥ୍ୱୀରାଜ, ସଲିଲ ମିତ୍ର, ମନୀଷା ମିଶ୍ର, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଏହାର ଗୀତଗୁଡିକର ଶୁଟିଂ ଗୋଆରେ କରାଯାଇଛି। କେବଳ ସେତିକି ନୁହେଁ, ଭାରତ-ଚାଇନା ବର୍ଡର ଏବଂ ରାମୋଜୀ ଫିଲ୍ମସିଟିର ନୂଆ ଲୋକେସନରେ ଏହାର ଶୁଟିଂ ହୋଇଛି। ଅନ୍ୟପକ୍ଷରେ ଏପରି ଏକ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସମ୍ବିତ। ରଜ ଅବସରରେ ଫିଲ୍ମଟି ରିଲିଜ ହେବାର ଯୋଜନା ରହିଛି।


'ବିଶ୍ୱନାଥ' ଫିଲ୍ମରେ ସମ୍ବିତ-ସମ୍ଭାବନା

# ସୋନମଙ୍କ ଫିଟନେସ୍ ଟିପ୍ସ

ସୋନମ କପୁରଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କେଉଁ ପ୍ରକାର ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି ? କଥା କ'ଣ କି ନିକଟରେ ତାଙ୍କର କେତେ ଜଣ ସାଙ୍ଗମାନଙ୍କ ସହ ତାଙ୍କର ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ ନେଇ କିଛି କହିବାକୁ ଭୁଲି ନ ଥିଲେ ସୋନମ। ଏ ନେଇ ସେ କହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତିତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। କାରଣ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।'


ସୋନମ

# ଜୁଗ୍ ଜୁଗ୍ ଜିୟୋ

ଚଳିତ ବର୍ଷର ଅନ୍ୟତମ ଚର୍ଚ୍ଚିତ ଫିଲ୍ମ 'ଜୁଗ୍ ଜୁଗ୍ ଜିୟୋ'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହାର ନାୟକ ଭୂମିକାରେ ଅଭିନୟ କରିଥିବା ବରୁଣ ଧାୱନ ଏବଂ ତାଙ୍କର ନାୟିକା ସାଜିଥିବା କିଆରା ଆଡୱାନୀ। ଫିଲ୍ମଟି ଚଳିତ ମାସ ୨୪ରେ ପରଦା ଉପରକୁ ଆସୁଛି। କଥା କ'ଣ କି ନିକଟରେ ଏଥିରେ ସଂଯୋଜିତ ଏକ ବିବାହ ଗୀତ ବେଶ୍ ଭାଇରାଲ୍ ହୋଇଛି। ପଞ୍ଜାବୀ ବିବାହ ପ୍ରଥା ଅନୁସାରେ ଗୀତଟିକୁ ରଚନା କରାଯିବା ସହ ତାହାର ପିକ୍ଚରାଇଜେଶନ ମଧ୍ୟ କରାଯାଇଛି। ତନିସ୍କ ବାଗଚୀ ଓ ଅବରାର ଉଲ୍-ହକ୍‌ଙ୍କ ରଚିତ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଗିପ୍ପି ଗ୍ରେୱାଲ୍, ଜାହ୍‌ରା ଏସ. ଖାଁ, ତନିସ୍କ ବାଗଚୀ ଏବଂ ରୋମି। ଉକ୍ତ ଗୀତରେ ବରୁଣ, କିଆରା, ଅନୀଲ କପୁର ଏବଂ ନିତୁ କପୁରଙ୍କୁ ନାଚୁ ଥିବାର ଦେଖିବାକୁ ମିଳିବ। ଏକ ଫ୍ୟାମିଲି କମେଡି ଡ୍ରାମାକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି, ଯାହାର ନିର୍ଦ୍ଦେଶନା ଦେଇଛନ୍ତି ରାଜ୍ ମେହେଟ୍ଟା। ଏ ସମ୍ପର୍କରେ କିଆରା କହନ୍ତି, 'ଶୁଟିଂ ସମୟରେ କଳାକାରମାନେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ତେବେ 'ଜୁଗ୍ ଜୁଗ୍ ଜିୟୋ' ବକ୍ସ ଅଫିସରେ କେତେ କଲେକସନ କରୁଛି ତାହା ରିଲିଜ ପରେ ଜଣାପଡିବ।


'ଜୁଗ୍ ଜୁଗ୍ ଜିୟୋ' ଫିଲ୍ମରେ କିଆରା-ବରୁଣ

# ଦରମା ଟଙ୍କାରେ ଠାକୁରାଣୀଙ୍କ ପାଖରେ ଭୋଗ କରିଥିଲି

ପ୍ରଥମ ରୋଜଗାର

ମୋର ଜନ୍ମ ବ୍ରହ୍ମପୁରରେ। ମହାରାଜା ବାଳକ ଉଚ୍ଚବିଦ୍ୟାଳୟରୁ ଦଶମ ପାସ୍ କରିବା ପରେ ଖଲିକୋଟ କଲେଜରେ ଆଇ.ଏସ୍‌ସି., ଓୟୁଏଟିରେ ଥିବା କଲେଜ ଅଫ୍ ଏଗ୍ରିକଲ୍‌ଚର୍‌ରେ ବି.ଏସ୍‌ସି.ଏଗ୍ରିକଲ୍‌ଚର୍ ଏବଂ ଜି.ବି. ପନ୍ତ ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର୍ ଆଣ୍ଡ ଟେକ୍ନୋଲୋଜିରେ ଏମ୍.ଏସ୍‌ସି. ଏଗ୍ରିକଲ୍‌ଚର୍ କୋର୍ସ କରିଥିଲି। ଏହାପରେ ମୁଁ ଓଡ଼ିଶା ଫରେଷ୍ଟ ସର୍ଭିସ୍ ପାଇଁ ପରୀକ୍ଷା ଦେଇ ସେଥିରେ ଉତ୍ତୀର୍ଣ୍ଣ ହେଲାପରେ ପ୍ରଥମେ ୨ ବର୍ଷ ଟ୍ରେନିଂରେ ରହିଲି। ଏହି ସମୟରେ ମୋତେ କିଛି କିଛି ଷ୍ଟାଇପେଣ୍ଡ ମିଳୁଥିଲା ; ଯାହାକି ସେହି ସମୟରେ ଟ୍ରେନିଂ ବାବଦରେ ହିଁ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇଯାଉଥିଲା। ତା'ପରେ ମୋର ପ୍ରଥମ ପୋଷ୍ଟିଂ ହୋଇଥିଲା ସହକାରୀ ବନ ସଂରକ୍ଷକ ଭାବେ ଅନୁଗୋଳ ଫରେଷ୍ଟ ଡିଭିଜନ୍‌ରେ। ୧୯୯୦ ମସିହା ନଭେମ୍ବର ୫ରେ ମୁଁ ସେଠାରେ ଜଏନ୍ କରିଥିଲି। ଏଠାରେ ପ୍ରଥମ କରି ଯେଉଁ ଦରମା ମିଳିଥିଲା, ସେଥିରୁ କିଛି ଟଙ୍କାରେ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ପାଖରେ ଭୋଗ କରିଥିଲି। ସେହିପରି ପ୍ରାୟ ୧୦/୧୨ ଜଣ ଦୁଃଖୀରଙ୍କିଙ୍କୁ ଖାଇବାକୁ ଦେବାପାଇଁ ମନ୍ଦିରର ପୂଜାରୀଙ୍କୁ ମଧ୍ୟ କିଛି ଟଙ୍କା ଦେଇଥିଲି। ଏଥିସହିତ ମୋ ଅଫିସ ପାଖରେ ଥିବା ଏକ ହୋଟେଲ୍ (ଯେଉଁଠାରେ ମୁଁ ପ୍ରତିଦିନ ଖାଇଥାଏ)ରେ ଛୋଟୁ ବୋଲି ଜଣେ କୁନିପିଲା କାମ କରୁଥିଲା। ପଢ଼ା ପ୍ରତି ତା'ର ଖୁବ୍ ଆଗ୍ରହ ଥିଲା। ତେଣୁ କିଛି ଟଙ୍କାରେ ତା'ପାଇଁ ଗୋଟିଏ ବର୍ଣ୍ଣବୋଧ ବହି, ୨ଟା ଖାତା, ରବର, ପେନ୍‌ସିଲ୍ ଆଦି କିଣି ଦେଇଥିଲି। ସେଦିନ ତା'ର ଖୁସି କହିଲେ ନସରେ। ଏସବୁ ପରେ ଯେବେ ମୁଁ ଘରକୁ ଯାଇଥିଲି ବଳିଥିବା ଦରମା ଟଙ୍କା ସବୁକୁ ବାପାଙ୍କ ହାତରେ ଦେଇ ଦେଇଥିଲି। ବାପାମା'ଙ୍କର ଆମେ ଥିଲୁ ୫ ପୁଅଝିଅ। ସେମାନଙ୍କ ମଧ୍ୟରେ ମୁଁ ଥିଲି ମଝିଆ। ମୋ ଉପରେ ବଡ଼ ଦୁଇ ଭାଇ ଓ ତଳେ ସାନ ଦୁଇ ଭଉଣୀ। ବାପା ପୋଲିସ ବିଭାଗରେ ଚାକିରି କରୁଥିଲେ। ଘରର ସେମିତି କିଛି ଦାୟିତ୍ୱ ନ ଥିଲେ ବି ପ୍ରତିମାସରେ କିଛି କିଛି ଟଙ୍କା ମୁଁ ଘରକୁ ପଠାଇ ଦେଉଥିଲି। ଯା'ଭିତରେ ଅନେକ ବର୍ଷ ବିତିଯାଇଛି। ଚାକିରି କ୍ଷେତ୍ରରେ ବହୁ ସ୍ଥାନକୁ ମୋର ବଦଳି ହୋଇଛି, ତା'ସହିତ ପ୍ରମୋଶନ ବି ମିଳିଛି। ଏବେ ମୁଁ କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ୍, ଆନନ୍ଦପୁରରେ ବନଖଣ୍ଡ ଅଧିକାରୀ ଭାବେ ଅବସ୍ଥାପିତ। ଚାକିରି ବାଦ୍ ଅଭିନୟ ପ୍ରତି ମୋର ଖୁବ୍ ରୁଚି ରହିଛି। ଷଷ୍ଠ ଶ୍ରେଣୀରେ ପଢ଼ିଲାବେଳେ ସ୍କୁଲ୍ ଡ୍ରାମାରେ ବାଜି ରାଉତ ଭୂମିକାରେ ଅଭିନୟ କରିବାର ସୁଯୋଗ ମୁଁ ପାଇଥିଲି। ପ୍ରଥମ ଅଭିନୟରେ ହିଁ ଦର୍ଶକଙ୍କର ମନ ଜିଣିବା ସହ ପୁରସ୍କୃତ ହେବାରୁ ମୋ ଭିତରେ କ୍ରମେ ଅଭିନୟ ପ୍ରତି ବେଶ୍ ଆଗ୍ରହ ବଢ଼ିଯାଇଥିଲା। ତା'ପରଠୁ ମୁଁ ଆଉ ଫେରି ଚାହିଁନି। ଅଭିନୟ ସାଙ୍ଗକୁ କଲେଜପଢ଼ା ସମୟରେ ନିଜେ ନାଟକ ଲେଖିବା ସହ ସେଥିରେ ନିର୍ଦ୍ଦେଶନା ଦେବା ମଧ୍ୟ ଆରମ୍ଭ କରିଦେଲି। 'ଆମେ ପାଗଳ' ହେଉଛି ମୋ ଲିଖିତ ଏକ ଲୋକପ୍ରିୟ ନାଟକ। କେବଳ ନାଟକ ନୁହେଁ 'ନିଷିଦ୍ଧ ସ୍ୱପ୍ନ' ନାମରେ ଏକ ଓଡ଼ିଆ ଚଳଚ୍ଚିତ୍ର ଏବଂ 'ଫଟା କପାଳ' ନାମରେ ଏକ ଟେଲି ଫିଲ୍ମରେ ବି ଅଭିନୟର ସୁଯୋଗ ମୁଁ ପାଇଛି। ଏସବୁ ଥିଲା ମୋ ଚାକିରି ଜୀବନର ପୂର୍ବ କଥା। ଚାକିରି କରିବା ପରେ ବେଶ୍ କିଛିଦିନ ଏହି ଲାଇନ୍‌ରୁ ଦୂରେଇ ଯାଇଥିଲି। ହେଲେ ପୁନର୍ବାର ୨୦୦୫ରେ ଯେବେ ମୁଁ ଫୁଲବାଣୀରେ କାମ କରୁଥିଲି, ସେତେବେଳେ ସେଠାରେ ବନାନୀ ନାମରେ ଏକ ନାଟ୍ୟସଂସ୍ଥା ପ୍ରାୟତଃ ବନ୍ଦ ଅବସ୍ଥାରେ ରହିଥିଲା। ଉକ୍ତ ନାଟ୍ୟସଂସ୍ଥାକୁ ପୁନର୍ବାର ଚାଲୁକରି ଦୁଇଟି ନାଟକରେ ଅଭିନୟ କରିବା ସହ ଗୋଟିଏରେ ନିର୍ଦ୍ଦେଶନା ଦେଇଥିଲି। ବାସ୍ ତା'ପରଠୁ ପୁଣି ଏହି ଧାରାରେ ପଡ଼ିଗଲି। କେବଳ ନାଟକ ଲେଖିବା କି ନିର୍ଦ୍ଦେଶନା ଦେବାରେ ନିଜକୁ ସୀମିତ ନ ରଖି ଧାରାବାହିକରେ ପୁନର୍ବାର ଅଭିନୟ କରିବା ଆରମ୍ଭ କରିଛି ; ଯାହା ମୋତେ ଏବେ ଏକ ଭିନ୍ନ ପରିଚିତି ଆଣିଦେଇଛି। **-ଅନ୍ୱିତା**



ନାଟ୍ୟ ଅଭିନେତା, ନିର୍ଦ୍ଦେଶକ ତଥା କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ୍‌ର ବନଖଣ୍ଡ ଅଧିକାରୀ **ଅଜିତ୍ ଶତପଥୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ମନମୋହିନୀର ରଙ୍ଗିଲା କଥା, ଘଡ଼ିକେ ବୁଲାଇ ଦେଉଛି ମଥା




ସାଥୀ

**ପ୍ରଶ୍ନ-** ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ତା' କଥା ଭାବି ଭାବି ମୋ ଦିନ ବିତି ଯାଉଛି। କ'ଣ କରିବି ?

*-ବିପ୍ଳବ ସାହୁ, ନୁଆପଡ଼ା*

**ଉତ୍ତର:** ଯେଉଁ ସୁନ୍ଦରୀ ଆପଣଙ୍କ ମନରେ ଘର କରିଛି ତାହାର ଠିକଣା ବୋଧହୁଏ ଜାଣିନାହାନ୍ତି। ସେପଟେ ସେହି ତରୁଣୀର କଥା ଆପଣଙ୍କ ମନକୁ ଆନ୍ଦୋଳିତ କରୁଛି। ପୁଣି ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡ଼ିକ ସେହି ମନ ଭିତରେ ଚାପି ହୋଇରହିଛି। 'ମନମୋହିନୀର ରଙ୍ଗିଲା କଥା, ଘଡ଼ିକେ ବୁଲାଇ ଦେଉଛି ମଥା।' ଯଦି କେବେ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି କହି ଫିଟ୍ ହୋଇଗଲା, ତେବେ ଧରିନିଅନ୍ତୁ ଯେ ଯାହାକୁ ନେଇ ଆପଣ ଟେନସନରେ ତାହା ହୁଏତ ଦୂର ହୋଇଯାଇଛି।

**ପ୍ରଶ୍ନ-** ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାହାକୁ ଗ୍ରହଣ କରିବ ତ ?

*-ପ୍ରଶାନ୍ତ କୁମାର, ବାଲେଶ୍ୱର*

**ଉତ୍ତର:** 'ସ୍ୱପ୍ନ ସୁନ୍ଦରୀ କନକ ଗୋରୀ, ତା' ଚାହାଣୀ କରିଛି ମନକୁ ଚୋରି।' ସେହି ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡ଼ିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ-** ଜଣକ କଥାରେ ପଡ଼ି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*-ମିଲୁ, କଟକ*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡ଼ି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚୟନ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡ଼ି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ-** ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*-ତାପସ କୁମାର, କେନ୍ଦ୍ରାପଡ଼ା*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

# ଅଜବ ଜିନ୍ସ





**ଜିନ୍ସ ଫ୍ୟାଶନ କେବେ ଆଉଟ୍‌ଡେଟେଡ୍ ହୋଇ ନ ଥାଏ। ସବୁବେଳେ ଏହାର ଚାହିଦା ରହି ଆସିଛି। କାରଣ ସମୟକ୍ରମେ ଏହାର ଷ୍ଟାଇଲ୍‌ରେ ଆସିଛି ଅନେକ ପରିବର୍ତ୍ତନ। ହେଲେ କିଛି ଜିନ୍ସର ଷ୍ଟାଇଲ୍ ଏତେ ଅଜବ ଭାବେ ଡିଜାଇନ୍ କରାଯାଇଛି ଯେ, ତାକୁ ପିନ୍ଧିବାକୁ ହୁଏତ କେହି ଚାହିଁବେ...**

**ଏସିମେଟ୍ରିକାଲ ଜିନ୍ସ:** ୟୁକ୍ରେନ୍‌ର ଫ୍ୟାଶନ ବ୍ରାଣ୍ଡ କସେନିୟା ଶନାଇଡର ଜିନ୍ସର ଏକ ନୂଆ ଫ୍ୟାଶନ ଟ୍ରେଣ୍ଡ ଆରମ୍ଭ କରିଛନ୍ତି। ସେ ହେଉଛି ଏସିମେଟ୍ରିକ ଜିନ୍ସ। ଏଥିରେ ଗୋଟିଏ ଗୋଡ଼ ଫିଟେଡ ଟାଇଟ୍ ଲେଗ୍ ହେଇଥିବାବେଳେ ଅନ୍ୟଟି ୱାଇଡ୍ ଲେଗ୍ ହୋଇଥାଏ। ଅର୍ଥାତ୍ ଏଥିରେ ଦୁଇଟି ଷ୍ଟାଇଲ୍‌ର କମ୍ବିନେଶନ୍ ଦେଖିବାକୁ ମିଳେ।

**ମେଶ୍ ଏସିମେଟ୍ରିକାଲ ଜିନ୍ସ:** ଏସିମେଟ୍ରିକାଲ ଜିନ୍ସ ଭଳି ଏଥିରେ ବି ଗୋଟିଏ ଗୋଡ଼ ଟାଇଟ୍ ଲେଗ୍ ହୋଇଥିବାବେଳେ ଅନ୍ୟଟି ୱାଇଡ ଲେଗ୍। ତେବେ ୱାଇଡ ଲେଗ୍‌ର ଗୋଟିଏ ପାର୍ଶ୍ୱ ଟ୍ରାନ୍ସପରେଣ୍ଟ ହୋଇଥାଏ। ଫଳରେ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ କିଛି ଅଂଶ ଦେଖାଯାଏ।

**ୱାନ୍ ଲେଗ୍‌ଡ ଜିନ୍ସ:** ଏହି ଜିନ୍ସ ତ ବହୁତ ଅଜବ। ଏହାର ଗୋଟିଏ ପଟ ଗୋଡ ନ ଥିବାବେଳେ ଅନ୍ୟ ଗୋଡ଼ଟି ପାଦ ପର୍ଯ୍ୟନ୍ତ ଲମ୍ୱା ହୋଇଥାଏ। ତେଣୁ ଏହି ଫ୍ୟାଶନ ଟ୍ରେଣ୍ଡକୁ ଆପଣେଇବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ।





**ମିଟ୍ ନି' ପ୍ୟାଚ୍ ଜିନ୍ସ:** ରିପ୍ଡ ଜିନ୍ସ ତ ପ୍ରାୟ ସମସ୍ତେ ପିନ୍ଧିଥିବେ। ହେଲେ ଏହା ସମ୍ପୂର୍ଣ୍ଣ ଭିନ୍ନ। କାରଣ ଏହି ଜିନ୍ସର ଫଟା ଅଂଶରେ କଞ୍ଚା ତାଜା ମାଂସ ଦେଖିବାକୁ ମିଳେ। ଫଳରେ ଏହା ଦେଖିବାକୁ ବେଶ୍ ଅଜବ ଲାଗେ।

**ମଡ୍ ଷ୍ଟାର୍ଟର୍ଡ ଜିନ୍ସ ଓ ଜ୍ୟାକେଟ୍:** ସମସ୍ତେ ସଫା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ହେଲେ ଏହି ଜିନ୍ସ ଆପଣଙ୍କୁ ଦେବ ଡର୍ଟି ଲୁକ୍। କାରଣ ଏଥିରେ କାଦୁଅ ଦାଗ ଲାଗିବା ଭଳି ଡିଜାଇନ୍ ହୋଇଛି। ଖାଲି ଜିନ୍ସ ପ୍ୟାଣ୍ଟ ନୁହେଁ ଜ୍ୟାକେଟ୍ ବି ଏହି ଡିଜାଇନ୍‌ରେ ଉପଲବ୍ଧ ହେଉଛି।

**କ୍ଲିୟର୍ ନି' ପ୍ୟାଚ୍ ଜିନ୍ସ:** ଏହି ଜିନ୍ସର ଆଣ୍ଠୁ ନିକଟରେ ଝରକା ପରି ଟ୍ରାନ୍ସପରେଣ୍ଟ ପ୍ୟାଚ୍ ରହିଥାଏ। ଫଳରେ ଆଣ୍ଠୁ ସମ୍ପୂର୍ଣ୍ଣଭାବେ ଦେଖାଯାଏ।

**ଡବଲ୍ ଜିନ୍ସ:** ଏଥିରେ ବୟଫ୍ରେଣ୍ଡ ଜିନ୍ସ ଓ ହାଇ ୱେଷ୍ଟ ଜିନ୍ସର କମ୍ବିନେଶନ୍ ଦେଖିବାକୁ ମିଳେ। ଅର୍ଥାତ୍ ଉକ୍ତ ଜିନ୍ସର ୱେଷ୍ଟ ଲାଇନ୍ ଦୁଇଟି। ଗୋଟିଏ ହାଇ ୱେଷ୍ଟ ହୋଇଥିବାବେଳେ ଏହାର ତଳକୁ ବୟଫ୍ରେଣ୍ଡ ଜିନ୍ସର ୱେଷ୍ଟ ରହିଛି।

**ଡବଲ କଲର୍ ପ୍ୟାଣ୍ଟ:** ଏହି ପ୍ୟାଣ୍ଟର ଦୁଇଟିଯାକ ଗୋଡ଼ର ରଙ୍ଗ ଭିନ୍ନ ଭିନ୍ନ ହୋଇଥାଏ। ଅର୍ଥାତ୍ ଗୋଟିଏ ପଟ ବ୍ଲୁ ହୋଇଥିଲେ ଅନ୍ୟ ପଟ ବ୍ଲାକ୍ ହୋଇଥାଏ। ଏହା ଟ୍ରେଣ୍ଡି ଲୁକ୍ ଦେଇଥାଏ।








## ତନୁଶ୍ରୀ



### ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଟିଭି

ପପୁ ମା'ଙ୍କୁ: ମାମା, ମୁଁ ଟିଭି ଦେଖି ଦେଖି ପଢ଼ିବି କି ?
ମା': ହଉ ଠିକ୍ ଅଛି।
ପପୁ: ଥ୍ୟାଙ୍କ ୟୁ ମାମା।
ମା': ହେଲେ ଗୋଟେ କଥା ଟିଭି ଅନ୍ କରିବୁନି।

### ହୃଦୟ


ରମେଶ ସୁରେଶଙ୍କୁ: କାଲି ମୁଁ ଗୋଟିଏ କଥା ଭାବି ଭାବି ରାତି ସାରା ଶୋଇପାରିନି।
ସୁରେଶ: କୋଉ କଥା ?
ରମେଶ: ଅନେକେ କୁହନ୍ତି ମୋ ହୃଦୟ ଭାଙ୍ଗିଗଲା। ହେଲେ ହୃଦୟ ଭିତରେ ତ ହାଡ଼ ନ ଥାଏ ସେ ଭାଙ୍ଗେ କେମିତି ?

### ଚୋର


ଥରେ ଗୋଟେ ଚୋର ଜଣଙ୍କ ଘରୁ ଚୋରି କରି ଚୁପ୍‌ଚାପ୍ ପାଦ ଚାପି ଚାପି ବାହାରୁଥାଏ। ଏତିକିବେଳେ କୁନି ପୁଅର ନିଦ ଭାଙ୍ଗିଗଲା।
କୁନି ପୁଅ କହିଲା: ଭଲ ଦଶା ଯଦି ଅଛି ମୋ ସ୍କୁଲ ବ୍ୟାଗ୍ ନେଇଯା'। ନହେଲେ ସମସ୍ତଙ୍କୁ ଉଠେଇ ଦେବି।

## ଅନନ୍ୟ ଶୈଳନିବାସ

# ସାପୁତାରା



ଗୁଜରାଟସ୍ଥିତ ଏକ ଅନନ୍ୟ ଶୈଳନିବାସ ଭାବେ ସାପୁତାରାର ବେଶ୍ ନାଁ ରହିଛି। ପର୍ଯ୍ୟଟକ ଏଠାରେ ପାହାଡ଼, ଜଙ୍ଗଲ, ହ୍ରଦ ଆଦି ବୁଲି ଦେଖିବା ସହ ବୋଟିଂ, ପାରାଗ୍ଲାଇଡିଂ ଭଳି ବହୁ ଦୁଃସାହସିକ କ୍ରୀଡ଼ାର ଆନନ୍ଦ ମଧ୍ୟ ନେଇପାରିବେ...





ଗୁଜରାଟର ଡାଙ୍ଗ ଜିଲା ଅନ୍ତର୍ଗତ ଏକ ସହର ହେଉଛି ସାପୁତାରା। ଏହା ସ୍ଥାନୀୟ ଏକ ଶୈଳନିବାସ ଭାବେ ମଧ୍ୟ ବେଶ୍ ପରିଚିତ। ସମୁଦ୍ରପତ୍ତନଠାରୁ ପ୍ରାୟ ୩୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ଅନନ୍ୟ ଶୈଳନିବାସଟିର ଆକର୍ଷଣୀୟ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସେଥିପାଇଁ ବର୍ଷସାରା ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ। ଅନ୍ୟଦିନ ତୁଳନାରେ ବିଶେଷକରି ଖରାଦିନେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ।

### କ'ଣ ଦେଖିବେ

ଏହି ଶୈଳନିବାସରେ ପର୍ଯ୍ୟଟକ ବହୁ ଉଚ୍ଚ ଉଚ୍ଚ ପାହାଡ଼, ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳ, ହ୍ରଦ ତଥା ସନ୍‌ସେଟ୍ ପଏଣ୍ଟ ତଥା ଆଧ୍ୟାତ୍ମିକସ୍ଥଳୀ ଦେଖିବାକୁ ପାଇପାରିବେ। ଯେମିତିକି:

✲ **ସାପୁତାରା ହ୍ରଦ:** ଉକ୍ତ ଶୈଳନିବାସରେ ରହିଛି ଏହି ଲୋକପ୍ରିୟ ତଥା ଆକର୍ଷଣୀୟ ହ୍ରଦ। ସାପୁତାରାର ନାମାନୁସାରେ ଏହାର ମଧ୍ୟ ନାମକରଣ ସାପୁତାରା ହ୍ରଦ ରଖାଯାଇଛି। ଏହି ହ୍ରଦରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂର ସୁବିଧା ବି ରହିଛି। ମୁଖ୍ୟତଃ ଖରାଦିନେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୋଟିଂ ପାଇଁ ଆସିଥାନ୍ତି।

✲ **ନାଗେଶ୍ୱର ମନ୍ଦିର:** ଜଙ୍ଗଲ ପରିବେଷ୍ଟିତ ଏକ ପାହାଡ଼ ଉପରେ ରହିଛି ଏହି ଆଧ୍ୟାତ୍ମିକ ପୀଠ। ପର୍ଯ୍ୟଟକ ଏଠାକୁ ଯାଇ ପ୍ରଭୁଙ୍କ ଦର୍ଶନ କରିବା ସହ ଜଙ୍ଗଲ ପରିବେଶରେ ବୁଲି ଅପୂର୍ବ ଆନନ୍ଦ ଲଭିପାରିବେ।

✲ **ସାପୁତାରା ଆଦିବାସୀ ସଂଗ୍ରହାଳୟ:** ଏହି ସଂଗ୍ରହାଳୟରେ ମୁଖ୍ୟତଃ ଆଦିବାସୀଙ୍କର କଳା, ସଂସ୍କୃତି, ପୋଷାକ, ଗହଣା ତଥା ଡାଙ୍ଗ କ୍ଷେତ୍ରର ପୂର୍ବ ଇତିହାସ ଉପରେ ଆଧାରିତ ବିଭିନ୍ନ ଜିନିଷକୁ ସାଇତି ରଖାଯାଇଥିବାର ଦେଖିବାକୁ ମିଳିଥାଏ।

✲ **ସନ୍‌ସେଟ୍ ପଏଣ୍ଟ:** ସାପୁତାରାରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ପର୍ଯ୍ୟଟକ ବସି ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟକୁ ମନଭରି ଉପଭୋଗ କରିପାରିବେ।

✲ **ଗିରା ଜଳପ୍ରପାତ:** ସାପୁତାରାଠାରୁ ପ୍ରାୟ ୫ କି.ମି. ଦୂରରେ ରହିଛି ଏହି ଆକର୍ଷଣୀୟ ଜଳପ୍ରପାତ। ପର୍ଯ୍ୟଟକ ଚାହିଁଲେ ସାପୁତାରା ଶୈଳନିବାସ ବୁଲିବା ସହ ଏହି ଜଳପ୍ରପାତ ଦେଖିବାକୁ ମଧ୍ୟ ଯାଇପାରିବେ।

### କେବେ ଯିବେ

ବର୍ଷର ଯେ କୌଣସି ସମୟରେ ଚାହିଁବେ ପର୍ଯ୍ୟଟକ ସାପୁତାରା ବୁଲିବାକୁ ଯାଇପାରିବେ। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ସାପୁତାରା ଯିବା ପାଇଁ ଖରାଦିନ ଓ ଶୀତଦିନ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଖରାଦିନେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ସେହିପରି ଶୀତଦିନେ ଏଠାରେ ଥିବା ହ୍ରଦ ନିକଟକୁ ବହୁ ସଂଖ୍ୟାରେ ଭ୍ରମଣକାରୀ ପକ୍ଷୀ ଉଡ଼ି ଆସୁଥିବାରୁ ଏହା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ପ୍ରଦାନ କରିଥାଏ।

### କେମିତି ଯିବେ

ସାପୁତାରା ଯିବାପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ୱାଘାଇ ରେଲ୍‌ୱେ ଷ୍ଟେଶନ ହେଉଛି ସାପୁତାରାର ନିକଟବର୍ତ୍ତୀ ଷ୍ଟେଶନ, ଯାହା ସାପୁତାରାଠାରୁ ପ୍ରାୟ ୫୦ କି.ମି. ଦୂରରେ ଅବସ୍ଥିତ। ପର୍ଯ୍ୟଟକ ପ୍ରଥମେ ଉକ୍ତ ରେଳଷ୍ଟେଶନରେ ପହଞ୍ଚି ସେଠାରୁ ଟ୍ୟାକ୍ସି କିମ୍ବା ଟାଉନ୍ ବସ୍ ସାହାଯ୍ୟରେ ଆରାମରେ ସାପୁତାରା ଶୈଳନିବାସଠାରେ ପହଞ୍ଚି ପାରିବେ। ସେହିପରି ପର୍ଯ୍ୟଟକ ଚାହିଁଲେ, ନିଜସ୍ୱ ଗାଡ଼ି ସାହାଯ୍ୟରେ ବି ଏଠାକୁ ଆରାମରେ ବୁଲି ଯାଇପାରିବେ।

### ଅନ୍ୟାନ୍ୟ ଆକର୍ଷଣ

ସାପୁତାରା ହ୍ରଦରେ ବୋଟିଂ କରିବା ସହ ପର୍ଯ୍ୟଟକ ଚାହିଁଲେ ଏଠାରେ ପାରାଗ୍ଲାଇଡିଂର ମଧ୍ୟ ମଜା ନେଇପାରିବେ। କେବଳ ସେତିକି ନୁହେଁ ଏଠାରେ ଥିବା ଇକୋ ପଏଣ୍ଟରେ ନିଜ ସ୍ୱରକୁ ପୁନର୍ବାର ଶୁଣିବାର ଆନନ୍ଦ ବି ଲଭିପାରିବେ। ତା'ସହିତ ଏଠାକାର ଜଙ୍ଗଲ ପରିବେଶରେ ଥିବା ବହୁ ଔଷଧୀୟ ବୃକ୍ଷରାଜି ବୁଲି ଦେଖିବା ସହ ସେ ସମ୍ପର୍କିତ ଅନେକ ତଥ୍ୟ ମଧ୍ୟ ସଂଗ୍ରହ କରିପାରିବେ।




# ଶୋଇବେ ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣି



ଆଖପାଖରେ ଯଦି କିଛି ମହୁମାଛି ଗୁଣୁ ଗୁଣୁ କରି ଉଡି ବୁଲନ୍ତି, ତେବେ ଭାରି ଡର ଲାଗେ। ହେଲେ ଇଟାଲୀର ଦକ୍ଷିଣଭାଗରେ ଥିବା ଗ୍ରୋଟୋଲ ଗାଁର ରୋକୋ ଫିଲୋମେନୋ ତିଆରି କରିଛନ୍ତି ପୃଥିବୀର ପ୍ରଥମ ଏମିତି ଏକ ମହୁମାଛି ଫାର୍ମ, ଯେଉଁଠାରେ ଅତିଥିଙ୍କୁ ଲକ୍ଷ ଲକ୍ଷ ମହୁମାଛିଙ୍କ ଗୁଣୁ ଗୁଣୁ ଶବ୍ଦ ଭିତରେ ଶୋଇବାର ସୁଯୋଗ ଦିଆଯାଉଛି। ଉକ୍ତ ଫାର୍ମକୁ ଡିଜାଇନ୍ କରିଛନ୍ତି ଡେଭିଡ ଟାଗଲିଆବୁ। ୧ ମିଲିୟନ ମହୁମାଛି ରହୁଥିବା ଏକ ମହୁଫେଣା ଚାରିପଟେ ତିଆରି ହୋଇଛି କାଠରେ ତିଆରି ଏହି ଫାର୍ମ। ଖର୍ଚ୍ଚ ହୋଇଛି ୧୭୦୦୦ ଡଲାର। ମହୁମାଛିଙ୍କ ଶବ୍ଦ ଓ ସୁଗନ୍ଧ ଭିତରେ ଶୋଇଲେ ବି' ଥେରାପୀର ଅନୁଭୂତି ମଳିଥାଏ। ଶୋଇବାବେଳେ ସିଲିଂରେ ଦେଖିହୁଏ ଏକ ସ୍ୱତନ୍ତ୍ରଧରଣର ବକ୍ସ, ଯାହା ଭିତରେ ମହୁମାଛିମାନେ ମହୁ ଜମା କରିବା, ବସା ବାନ୍ଧିବାରେ ବ୍ୟସ୍ତ ଥିବା ଦେଖିହୁଏ।







## କାର୍ଟୁନ କର୍ନର



# ଅଖା ନାହିଁ କି ବିରି ନାହିଁ...

## କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା



ଥାପି ତାଙ୍କ ଘରେ ଅଭାବନାହିଁ। କଣ ବୁଝିପାରିଲେନି ? ତେବେ ଶୁଣନ୍ତୁ। କିଛି ପୋଖତ ବେପାରୀ ଅଛନ୍ତି, ଯିଏ ନିଜେ କିଛି ଅମଳକରନ୍ତି ନାହିଁ। ହାଟକୁ କେବଳ ଦଣ୍ଡିପଲା ବଟକରା ନେଇକି ଯାଆନ୍ତି । ସେଇଠୁ ଚାଉଳ, ମୁଗ, ବିରି, ପରିବାପତ୍ର କିଣି, ସେଇଠି ପ୍ରାୟ ସେଇଦାମରେ ବିକି ସଞ୍ଜକୁ ସଉଦାପତ୍ର ଘରପାଇଁ ଆଣି ବେଶକିଛି ମୋଟାଟଙ୍କା ଖୋସଣିରେ ଖୋସି ଫେରନ୍ତି। ମୁଁ ସେତେବେଳେ ଏମନ୍ତ ରହସ୍ୟ ଭେଦ ନକରିପାରି ପଚାରିବାରୁ ସେମାନେ କହନ୍ତି,-''ଏଇଟା ବେପାରୀଙ୍କ କଳାକୌଶଳ.. ବୁଦ୍ଧିର ଖେଳ । ବାଃ ! ଚମତ୍କାର କଥା । ଖରା ବରଷାରେ ଜମିରେ ଖଟି ଫସଲ ଅମଳକରିବା ଦର୍କାର ନାହିଁ। ଅଥଚ ଚାଷୀଙ୍କଠୁ ଏମାନେ ବେଶୀ ଫାଇଦା ପାଇଥାନ୍ତି। ସେମିତି ଫ୍ୟାକ୍ଟ୍ରି ମାଲିକ ଢ଼େରେ ଟଙ୍କା ବିନିଯୋଗକରି କଳକାରଖାନା ବସାନ୍ତି । କଞ୍ଚାମାଲ ସଂଗ୍ରହ କରନ୍ତି । କୁଶଳୀ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ଦରମାଦେଇ ରଖନ୍ତି । ବେଶ ମୋଟା ରକମର ଇଲେକ୍ଟ୍ରିକ ବିଲ ପୈଠ କରନ୍ତି । ଟ୍ୟାକ୍ସ ଠିକ ସମୟରେ ଦିଅନ୍ତି। ବହୁ ସରକାରୀ ଅଫିସକି ଧାଇଁ ମାଲ ଉତ୍ପାଦନ ଅନୁମତି ବା ଲାଇସେନ୍ସ ପ୍ରାପ୍ତ ହେଲାପରେ ଯେଉଁ ଜିନିଷ ବାହାର କରନ୍ତି, ସେତେବେଳେ ତା' ମୂଲ୍ୟ ଯାହା ଥାଏ, ସେଇଜିନିଷ ଖାଉଟି ପାଖରେ ପହଁଚିଲାବେଳକୁ ତା' ଦାମ କୋଉଠି ଚାରିଗୁଣା ତ କୋଉଠି ଆଠଗୁଣା ବି ହୋଇଯାଇଥାଏ । ଚତୁରିଆ ବୁଦ୍ଧିଆ ବେପାରୀ ସେତେ ରିସ୍କ ନନେଇ ମଝିରେ ଏତେଲାଭ, ଖାଉଟିର ତଣ୍ଟିଚିପି ସାଉଁଟିନିଅନ୍ତି ଯେ, ତାହା ସାଧାରଣଙ୍କ ବୁଦ୍ଧି ବିଦ୍ୟାର ଅଗୋଚର । ଖାଉଟି ଖାଲି ଜିନିଷର ଛପାମୂଲ୍ୟ ଦେଖି ଆଖିମୁଜି କିଣିନିଅନ୍ତି। ମଝିରେ କିଏ କେତେ ଶୋଷିଲା, କିଏ କାହାକୁ ପୋଷିଲା, ଜିନିଷ ଦେଶୀ ନା ବିଦେଶୀ.. ସେ କଥା ଭାବିବାକୁ ବେଳକାହିଁ ? ତେବେ ଏମାନଙ୍କୁ ଏମିତିରେ ଏତେଫାଇଦା ମିଳୁଥିବାଦେଖି ବିଚରା ଚାଷୀ ଚାଷ ଛାଡି ଅଥବା ଫ୍ୟାକ୍ଟ୍ରି ମାଲିକ ତାଲାମାରି ଏଇ ଦଲାଲଙ୍କ ବେପାରକୁ ଅଧିକ ମନ ବଳେଇଲେଣି ।

ଆଜ୍ଞା ! ଏମିତିବୁଦ୍ଧି କେବେଠୁ ସାହିତ୍ୟକ୍ଷେତ୍ରକୁ ସଂକ୍ରମିତ ହେଲାଣି । ଚତୁରିଆ ଦଲାଲ ଯେମିତି ବେପାରରେ ଟାକ୍ସ ଫାଙ୍କିବାକୁ, ସରକାରଙ୍କୁ ଠକିବାକୁ ଅନେକ ଫେକ ସଂସ୍ଥା, ଫେକ ଆକାଉଣ୍ଟ ଖୋଲି, ଫୋନରେ ସିମ ବଦଳେଇ ଚତୁର ବୁଦ୍ଧିରେ ରାତାରାତି ମାଲାମାଲ ହେଉଛନ୍ତି , ଠିକ ସେମିତି ମୋଟେ ସାହିତ୍ୟଚାଷ କରୁନଥିବା ବା ଭାଗଚାଷ ଜାଣିନଥିବା ଲୋକ ୟା' ତା' ଲେଖା ଚୋରେଇ ପଢି ଶୁଣେଇ ବଡ କବି ବୋଲେଇ ଚାଲିଛନ୍ତି ତ କିଏ ଜୀବନରେ ମେହେନତି କରି ଖଣ୍ଡେ ବହି ନ କରିବି ଢ଼େରେ ଲୋକଙ୍କୁ ମୋଟା ଟଙ୍କା ବିନିମୟରେ ସାହିତ୍ୟିକ ସନମାନ ଉପାଧି ସାର୍ଟିଫିକେଟ ପ୍ରଦାନ କରେଇ ମାଲାମାଲ ହେଉଛନ୍ତି । ଉଚ୍ଚମଞ୍ଚରେ ଉଚ୍ଚକଣ୍ଠରେ ନାମ ଘୋଷଣାକରି ଥରକେ ଶହେ ଦୁଇଶହ ଜଣଙ୍କୁ ନାନା ଉପାଧିରେ ଭୂଷିତକରେଇ ନିଜକୁ ଭୁଷୁପଣ୍ଡିତ ବୋଲେଇ ଆପଣା ଅଖା ଟଙ୍କାରେ ଫୁଲକରି ଚାଲିଛନ୍ତି। ମାନପତ୍ର ପାଇବାରେ ପାଗଳ ଅନେକେ ଏମିତି କାଗଜ ଖଣ୍ଡକୁ ହଜାରେ.. ଦି'ହଜାରେ.. ପାଞ୍ଚହଜାରେ ମୂଲ୍ୟରେ କିଣି ଦଲାଲଙ୍କ ଗୁଣଗାନ କରୁଛନ୍ତି । ଗ୍ରାହକ ମଧ୍ୟ ମାନପତ୍ରରେ ସ୍ତୁତିଗାନ ପଢି ପବନରେ ଫୁଲି ଫୁଟୁବଲ ଭଳି ଡେଉଁଛନ୍ତି । ଏମିତିକି କିଏ ରାଜ୍ୟସ୍ତରୀୟ କିଏ ଜାତୀୟ ତ କିଏ ଅନ୍ତର୍ଜାତୀୟ ସ୍ତରୀୟ କବି ଲେଖକ ନିଜକୁ ଭାବି ଏଇ କିଣା ମାନପତ୍ର ଦେଖେଇ ନୋବେଲ ପୁରସ୍କାର ପାଇବେ ବୋଲି ସପନ ଦେଖିଲେଣି। ପ୍ରକୃତ ସୁନା ଠୁ ନକଲି ଅଳଙ୍କାର ବେଶି ଚକଚକ ଦିଶେ.. ଅଧିକ ବିକ୍ରିହୁଏ । ଭବିଷ୍ୟତ କଥା ପଚାରେ କିଏ ? ଏଇ ବେପାରୀ ମାଛତେଲରେ ମାଛ ଭାଜି ଏତେ ତେଲ ବଳେଇ ରଖୁଛନ୍ତି ଯେ ତାଙ୍କ ବଂଶକୁଟୁମ୍ବ ଅଜାଗାରେ ବୋଲିଲେ ବି ସରୁନି । ୟାଙ୍କୁ ଯେ ଯାହା କହିଲେବି ବାଧେନି ଏଇଥିପାଇଁ ଯେ, ମାନପତ୍ର ବେପାରୀ ହେବାଆଗରୁ ମାନ ଇଜତ ବିକ୍ରି ସାରିଥାଏ ।

ଜଣେ ବରିଷ୍ଠ ସାହିତ୍ୟିକ ବନ୍ଧୁଘରେ ମୁଁ ବସିଥାଏ। ନିଜ ମେହେନତିରେ କିଛି ମାନପତ୍ର ତାଙ୍କ କାନ୍ଥରେ ଝୁଲୁଥାଏ। ଜଣେ ଏମିତି ବେପାରୀ ଆଗମନ କଲେ। ମାତ୍ର ଷାଠିଏ ମାନପତ୍ର ହାତରେ ଧରିଥାନ୍ତି । ମୋ ବନ୍ଧୁଙ୍କଠୁ ଦସ୍ତଖତ ନେବେ ଓ ତାଙ୍କ ସାହିତ୍ୟ ସନମାନ କାର୍ଯ୍ୟକ୍ରମକୁ ଅତିଥି କରିବା ପାଇଁ ନିମନ୍ତ୍ରଣ ଜଣେଇବେ । ବନ୍ଧୁ ତାଙ୍କ ଉଦେଶ୍ୟ ଜାଣିନଥିଲେ । ସେ ଘର ଭିତରେ ଥିଲାବେଳେ ବେପାରୀ ମତେ ପଚାରିଲେ ଆପଣ ତାଙ୍କର କଣ ହେବେ ? ମୁଁ ତାଙ୍କ ପୁରୁଣା ସାଙ୍ଗ କହିବାରୁ, ସେ କହିଲେ ଏ ସାର ଏତେ ମାନପତ୍ର କେତେ ଟଙ୍କାଦେଇ କିଣିଛନ୍ତି ଆପଣ ଜାଣନ୍ତି କି ? ମୁଁ କାହିଁକି ପଚାରିବାରୁ ସେ କହିଲେ ମତେ ଟଙ୍କା ପାଞ୍ଚହଜାରେ ଯଦି ଦିଅନ୍ତେ ୟାଠୁ ବହୁତ ବଡ ଓ ଉଚ୍ଚଉପାଧିରେ ସନମାନୀତ କରାନ୍ତି । ମୋର ବାରଟା ଅନୁଷ୍ଠାନ ଅଛି । ମୋ ଫୋନ ନମ୍ବର ନିଅନ୍ତୁ । ଯେବେ ଚାହିଁବେ ଯୋଗାଯୋଗ କରିବେ । ହଁ ଆପଣଙ୍କୁ ଯଦି ଦୁନିଆ ଜାଣିନି, ତେବେ ମଞ୍ଚରେ ଅତିଥି କରି ବସେଇପାରିବୁ। ଖାଲି ଆଉ କିଛିଟଙ୍କା ନିର୍ଲୋଭରେ ହାତଖୋଲା କଲେ ହେଲା ।

ମୁଁ ଭାବୁଥିଲି ଆମେ କେଡେ ବୋକା ନୋହୁଁ ସତେ ! ବିନା ଲେଖାରେ ଯଦି ଏଡ଼େ ସନମାନ ପଦବୀ ମିଳୁଛି, ତେବେ ରାତି ଅନିଦ୍ରା ହେଇ ବହିଲେଖି ଛାପି ବିକି କ୍ଷତି ସହିବା କି ଦର୍କାର ? ଏଇମାନଙ୍କ ପ୍ରଚଣ୍ଡ ଚେଷ୍ଟା ପାଇଁ ବହିବିକ୍ରିଠାରୁ ମାନପତ୍ର ବିକା ଶହେଗୁଣା ବଢିଛି । ବିରି କି ଅଖା ନଥାଇବି ଖାଲି ଲାଭ ହିଁ ଲାଭ ମିଳୁଛି।

*-ମଙ୍ଗରାଜପୁର, ପୁରୀ ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଓଡ଼ିଶାରେ ଶିକ୍ଷା ଓ ବିକାଶ ଧାରା

**ଲେଖକ-ନିଶାମଣି ଷଡ଼ଙ୍ଗୀ**

**ପ୍ରକାଶକ-ପେନ୍ ଇନ୍, ଭୁବନେଶ୍ୱର, ମୂଲ୍ୟ-୪୪୯ଟଙ୍କା**

ଓଡ଼ିଶାରେ ଶିକ୍ଷା ଓ ବିକାଶଧାରା ପୁସ୍ତକର ଲେଖକ ନିଶାମଣି ଷଡ଼ଙ୍ଗୀ। ବୈଦିକ କାଳର ବୈଭବରୁ ଆରମ୍ଭ କରି ପୁରାଣର ପରିମଣ୍ଡଳ ଦେଇ ଖ୍ରୀଷ୍ଟପୂର୍ବ ଓ ଖ୍ରୀଷ୍ଟାବ୍ଦର ସାରଣୀ ସହ ଏକବିଂଶ ଶତାବ୍ଦୀର ସ୍ମାର୍ଟ ସିଟି ପର୍ଯ୍ୟନ୍ତ ଓଡ଼ିଶାର ଶିକ୍ଷା ବିକାଶର ମାଇଲଖୁଣ୍ଟ ସବୁକୁ ଚିହ୍ନଟ କରିବା କାଠିକର ପାଠ। କିନ୍ତୁ ଏପରି ଏକ ବୃହତ୍ତର ପୃଷ୍ଠଭୂମିର ପରିକଳ୍ପନା ଲେଖକ କରିଛନ୍ତି ସେଥିଲାଗି ସେ ଧନ୍ୟବାଦର ପାତ୍ର। ପୁସ୍ତକରେ ୩୭ଟି ଅଧ୍ୟାୟ ରହିଛି। ଏଥିରେ ଶିକ୍ଷାର ବିକାଶ ସହିତ ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ କ୍ରୀଡା ଏସବୁ କ୍ଷେତ୍ରରେ ସ୍ୱାଧୀନତା ପରବର୍ତ୍ତୀ କାଳରେ କେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇ ସାଂସ୍କୃତିକ ତଥା ସୃଜନ ସମ୍ଭାରର ଉନ୍ନତି ହୋଇଛି ତାହା ପୁସ୍ତକରେ ଆଲୋଚନା କରାଯାଇଛି। କେବଳ ଜ୍ଞାନ ପିପାସୁ ଗବେଷକଙ୍କ ନିମନ୍ତେ ନୁହେଁ, ବିଭିନ୍ନ ପ୍ରଶାସନିକ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ଲାଗି ବିଶେଷ ସହାୟକ ହେବ। ଆଶା କରେ ବହିଟି ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିବ ।




### ବିଭିନ୍ନ ପ୍ରସଙ୍ଗ

**ଲେଖକ -ଡକ୍ଟର କମ୍ବୁପାଣି ସାମନ୍ତ**

**ପ୍ରକାଶକ-ଅଗ୍ରଦୂତ, କଟକ**

**ମୂଲ୍ୟ-୩୦୦ଟଙ୍କା**

ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ବିଶିଷ୍ଟ ଲେଖକ ଡକ୍ଟର କମ୍ବୁପାଣି ସାମନ୍ତଙ୍କର ବିଭିନ୍ନ ପ୍ରସଙ୍ଗ ପୁସ୍ତକ ପ୍ରକାଶିତ ହୋଇଛି। ଏଥିରେ ୧୦ଟି ପ୍ରସଙ୍ଗରେ ୩୪ଟି ଲେଖା ସ୍ଥାନୀତ ହୋଇଛି। ଆଲୋଚନା, ସମାଲୋଚନା, ସାହିତ୍ୟ, ସଂସ୍କୃତି, ସନ୍ଧାନ, ରମ୍ୟବ୍ୟଙ୍ଗ ଓ ପୁରାଣ ପ୍ରସଙ୍ଗ ସହିତ ଶେଷ ହେଉଛି ବିଶେଷ ପ୍ରସଙ୍ଗ । ମନନଶୀଳ ମନୋବିଚାରର ପରିପ୍ରକାଶରେ ଲେଖାଗୁଡିକ ସମୃଦ୍ଧ । ଏଥିରେ ସାମାଜିକ ଓ ସାଂସ୍କୃତିକ ସମସ୍ୟା ଓ ସଂକଟର ବିସ୍ତୃତ ବିଶ୍ଳେଷଣ କରାଯାଇଛି। ଦୁଇଟି ଦୁର୍ଗ ସମ୍ପର୍କରେ ଆଲୋଚନା ରହିଛି। ସରସ ଓ ଲଘୁ ପ୍ରସଙ୍ଗ, ବ୍ୟଙ୍ଗ ବିଦ୍ରୁପର ତୀର୍ଯ୍ୟକ ଦୃଷ୍ଟି ଓ ପୁରାଣର ଅନୁଶୀଳନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୁସ୍ତକର ପାଠକୀୟତା ବୃଦ୍ଧି କରିଛି। ସ୍ଥାନୀତ ପ୍ରବନ୍ଧଗୁଡିକ ତଥ୍ୟ ନିଷ୍ଠ ଓ ସୁଖପାଠ୍ୟ। ଗଦ୍ୟ ଭାଷାର ବିଷୟ ଅନୁସାରେ ପ୍ରୟୋଗ ପୁସ୍ତକରେ ଲକ୍ଷ୍ୟ କରାଯାଇଛି। ବିଦ୍ୱାନ ସମାଲୋଚକ ପ୍ରଫେସର ଦାଶରଥି ଦାସଙ୍କ ଅଭିମତ ଗ୍ରନ୍ଥର ବୈଶିଷ୍ଟ୍ୟକୁ ପ୍ରତିଫଳିତ କରିଛି। ପୁସ୍ତକଟି ଗବେଷକଙ୍କ ପାଇଁ ଏକ ମହତ୍ତର ଶିଳାନ୍ୟାସ ।





### ପଲ୍ଲବୀ ନାୟକଙ୍କ
### ଯେତେସବୁ ଅକବିତା

**ପ୍ରକାଶକ-ଲେଖାଲେଖି, ଭୁବନେଶ୍ୱର**

**ମୂଲ୍ୟ-୧୭୦ଟଙ୍କା**

ପଲ୍ଲବୀ ନାୟକଙ୍କ 'ଯେତେସବୁ ଅକବିତା' ପୁସ୍ତକ ପ୍ରକାଶିତ ହୋଇଛି। ଏଥିରେ ୫୬ଟି କବିତା ପ୍ରକାଶ ପାଇଛି। ଆମ ଚାରିପାଖରେ ଘଟୁଥିବା ଘଟଣାକୁ ନେଇ କବିତାରେ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି କବୟିତ୍ରୀ। 'ହଲେ ପାଦ ଅନେକ ବନ୍ଧନ'କୁ ଉଦାହରଣ ଭାବେ ନିଆଯାଉ। ପାଦ ଯୋଡିକରେ ଅଳତା, ପାଉଁଜୀ ଆଉ ଝୁଣ୍ଟିଆର ସମାହାର । ଯାହା ଜଣେ ନାରୀ ଲାଗି ଗୁରୁତ୍ୱପୂର୍ଣ୍ଣ । ଛାତିରୁ ରକ୍ତ ନିଗାଡିବାକୁ ପ୍ରସ୍ତୁତ ଥିଲା ଜଣେ/ଏ ପାଦର ଧାରେ ଅଳତା ପାଇଁ ଆଜି କାଇଁ ମିଛ ମିଛ ଲାଗେ.....। ଅମାନିଆ ମନ ବନ୍ଦୀ ବିବେକରେ ଅବୁଝା ହୃଦୟ ବନ୍ଦୀ ମସ୍ତିସ୍କରେ । ଚମତ୍କାର ଭାବ ଆଉ ଭାବନାରେ ଜଣେ ନାରୀର ମନ ଆଉ ହୃଦୟ କଥାକୁ ସୁନ୍ଦର ଭାବରେ କାବ୍ୟରେ ଫୁଟାଇଛନ୍ତି। ସେହିଭଳି ଯେବେ ଯେବେ ବର୍ଷା ହୁଏ କିମ୍ବା ଝିଅ ପାଇଁ କବିତା ହେଉ ଏମିତି ଆହୁରି ଅନେକ। ଲେଖିକାଙ୍କ କବିତାର ବିଶେଷତ୍ୱ ହେଉଛି ସରଳତା ଓ ଛଳଛଳ ପଣ। ତେଣୁ କବିତା ସବୁ ସୁବୋଧ୍ୟ ଓ ସୁଖପାଠ୍ୟ। ଆଶା କରାଯାଏ ପୁସ୍ତକଟି ପାଠକ ଆଦୃତି ଲାଭ କରିବ।



ବ୍ୟାକ୍ ପେଜ୍



# ଚାରିକୋଣିଆ ଗଛର ଉପତ୍ୟକା

ପାନାମା କେନାଲ ଜୋନ୍‌ଠାରୁ କିଛି ମାଇଲ ଦୂରରେ ଅଛି ସ୍କୋୟାର ଟ୍ରି ଭ୍ୟାଲୀ। ଏଲ ଭାଲେ ଡି ଆଣ୍ଟୋନ ନାମକ ଆଗ୍ନେୟଗିରିର ପାଉଁଶରେ ଗଢି ଉଠିଥିବା ଏହି ଭ୍ୟାଲି ଦେଖିବାକୁ ଯେତିକି ସୁନ୍ଦର ସେତିକି ଆଶ୍ଚର୍ଯ୍ୟଜନକ ବି। ଏହା ସବୁବେଳେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ସାଜି ଆସିଛି। ଆଉ ଏହାର କାରଣ ହେଉଛି ଏଠାରେ ଦେଖାଯାଉଥିବା ଚାରିକୋଣିଆ ଗଣ୍ଡି ଥିବା କପା ଗଛ ପ୍ରଜାତିର ହଜାର ହଜାର ସଂଖ୍ୟାର ଗଛ। ଏହି ଚାରିକୋଣିଆ ଗଣ୍ଡି ପର୍ଯ୍ୟଟକଙ୍କ ସହ ବୈଜ୍ଞାନିକଙ୍କୁ ବି ଚକିତ କରିଥାଏ। ତେବେ ଏଭଳି ଗଛ ହେବା ପଛର କାରଣ କେହି ଖୋଜି ପାଇ ପାରି ନାହାନ୍ତି।











# ଚମତ୍କାର କାରିଗରୀ

ବାଓଲ ଭର୍ତ୍ତି ନୁଡଲ ଓ ଏଇ ପାଚିଲା କଦଳୀ ଦେଖି ନିଶ୍ଚୟ ଖାଇବାକୁ ଇଛା ହେଉଥିବ। କିନ୍ତୁ ଏହାକୁ ଖାଇଲେ ଚମକି ପଡିବେ। କାରଣ ଏସବୁକୁ ଆପଣ ଯାହା ଭାବି ଖାଇବେ ତାହା କିନ୍ତୁ ସେୟା ନୁହେଁ। ବରଂ ଏସବୁ ହେଉଛି କେକ୍। ଲସ୍ ଆଞ୍ଜେଲସ୍‌ର ୨୯ ବର୍ଷୀୟ ମାରିଆନ ସାର୍କିସିଆନ୍ ଏସବୁକୁ ପ୍ରସ୍ତୁତ କରିଛନ୍ତି। ଲସ୍ ଆଞ୍ଜେଲସ୍‌ରେ ସେ ଜଣେ ସେକ୍ରେଟାରୀଭାବେ କାମ କରୁଥିଲେ। ହେଲେ ପରେ କେକ୍ ପ୍ରସ୍ତୁତି ପାଇଁ ତାଙ୍କ ଭିତରେ ଥିବା ଭଲ ପାଇବା ଲାଗି ସେ ନିଜର ପେସା ବଦଳାଇବାକୁ ନିଷ୍ପତ୍ତି ନେଲେ। ୨୦୧୬ ରେ ସେ ପ୍ରଥମେ ନିଜ ଭଉଣୀ ପାଇଁ ଏକ ସୁନ୍ଦର କେକ୍ ତିଆରି କରିଥିଲେ। ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଆଉ ତାଙ୍କୁ ଅନେକ ଜଣେ କେକ୍ ଅର୍ଡର ଦେଇଥିଲେ। କରୋନା ସମୟରେ ସେ ଅନେକ ବଳକା ସମୟ ପାଇଥିଲେ। ଆଉ କେକ୍ ଉପରେ ଅନେକ ପରୀକ୍ଷା ନିରୀକ୍ଷା କରିଥିଲେ। ଆଉ ଇଲ୍ୟୁଜନ୍ କେକ୍ କରିବାରେ ସଫଳ ହେଲେ। ସେ ବିଭିନ୍ନ ପ୍ରକାରର ଖାଦ୍ୟ, ବୈଦ୍ୟୁତିକ ଉପକରଣ, ଏମିତିକି ଜୋତା, ବିଭିନ୍ନ ପ୍ରକାରର ବୋତଲ ଆଦିର କେକ୍ ତିଆରି କରୁଛନ୍ତି। ଏସବୁ ଏତେ ବାସ୍ତବ ଲାଗେ ଯେ, କେହି ବି ବିଶ୍ୱାସ କରିପାରିବେନି ତାହା କେକ୍ ବୋଲି। କିଛି ଜଟିଳ କେକ୍ ତିଆରି କରିବା ଲାଗି ତାଙ୍କୁ ୧୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବି ଲାଗିଯାଏ। ହେଲେ କେକ୍ ତିଆରି ପ୍ରଣାଳୀକୁ ବେଶ୍ ଭଲ ପାଉଥିବାରୁ ସେ କେବେ ଥକି ନ ଥାଆନ୍ତି।




# ଇଲାଷ୍ଟିକ ପରି କାନ

ଏମିତି କେତେଜଣଙ୍କ ବିଷୟରେ ଜାଣିଥିବେ ଯେଉଁମାନଙ୍କ ଶରୀର ଇଲାଷ୍ଟିକ ପରି ନମନୀୟ ହୋଇଥାଏ। ସେମାନେ ନିଜ ଶରୀରକୁ ଭିନ୍ନ ଭିନ୍ନ ଢଙ୍ଗରେ ମୋଡି ପାରନ୍ତି। କେହି କେହି ତ ଶରୀରର ଚର୍ମକୁ ବି ଟାଣି ପାରନ୍ତି। ରବର ପରି ଶରୀର ଥିବା ସେମିତି ଜଣେ ମହିଳା ଅଛନ୍ତି ଟୋକିଓରେ। ନାଁ ତାଙ୍କର ଅୟୁମି ଟକାଡା। ୩୭ ବର୍ଷୀୟା ଅୟୁମିଙ୍କ କାନ ଫଳି ବା ଇୟର ଲୋବ ବେଶ୍ ନମନୀୟ। ଆଉ ଏହି କଥା ସେ ସ୍କୁଲରେ ପଢିବାବେଳେ ଅନୁଭବ କରିପାରିଥିଲେ। ଥରେ ସେ ସ୍କୁଲରୁ ଫେରିବାବେଳେ ବର୍ଷା ହେଲା। ସେତେବେଳେ ତାଙ୍କ ଦୁଇ ହାତରେ ଜିନିଷ ଥାଏ। ତେଣୁ ଛତା କେମିତି ଧରିବେ ଜାଣିପାରିଲେ ନାହିଁ। ଆଉ ଶେଷରେ ଚିନ୍ତା କଲେ ସେ ତାଙ୍କ କାନ ଫଳିରେ ଛତାର ବେଣ୍ଟକୁ ଗୁଡେଇକି ଧରିବେ। ସେଥିପାଇଁ କାନ ଫଳିକୁ ଟାଣି ଛତା ବେଣ୍ଟରେ ଗୁଡାଇଲେ। ଆଉ ସେ ଏଥିରେ ସଫଳ ହେଲେ। ବର୍ଷାରୁ ରକ୍ଷା ବି ପାଇପାରିଲେ। ଏହାପରଠାରୁ ନିଜ କାନଫଳିର ଏହି ବିଶେଷତ୍ୱର ଫାଇଦା ଉଠାଇବାକୁ ଲାଗିଲେ। ଆଉ ଏବେ ସେ ସେଲ୍ଫି ଷ୍ଟିକ, କାଲିଗ୍ରାଫି ବ୍ରଶ ଆଦି କାନ ଫଳିରେ ଗୁଡେଇ ଧରି ଫଟୋ ଉଠାଇବା ସହ ଅନ୍ୟ ବହୁତ କାମ ସହଜରେ କରିପାରୁଛନ୍ତି। ଅୟୁମିଙ୍କ କାନଫଳି ୪.୫ସେ.ମି. ପର୍ଯ୍ୟନ୍ତ ଲମ୍ବିପାରେ। ଫଳରେ ଦୁଇ ହାତ ଫୁଲ୍ ଥିବାବେଳେ ସେ ଅନେକ ଜିନିଷକୁ ଏଥିରେ ଗୁଡେଇ ଧରି ପାରନ୍ତି। ଏମିତି କଲେ ତାଙ୍କୁ କିଛି କଷ୍ଟ ବି ହୋଇ ନ ଥାଏ ବୋଲି ସେ କୁହନ୍ତି।

